୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍यवेक्षक

Vol.27 . No.16 Bhubaneswar Thursday Feburary 20 2025 | ୨୭ତମ ବର୍ଷ ସଂଖ୍ୟା–୧୬ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୦, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## କିଏ ସେ ଓଡିଶାର ନୀରବ ମୋଦି: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୨୭୦କୋଟି ଟଙ୍କାର ରଣ ଜାଲିଆତି

ଭୁବନେଶ୍ୱର,୧୯।୨(ପି.ଏନ): ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ-ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ପୁଣି ଏକ ବଡ ରଣ ଜାଲିଆତି ପଦାକୁ ଆସିଛି । ବ୍ୟବସାୟୀ ନୀରବ ମୋଦି ଦ୍ୱାରା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ(ପିଏନବି)ରୁ ୧୩୫୭୮ କୋଟି ଟଙ୍କାର ରଣ ଜାଲିଆତି ବିବାଦ ଥମିନଥିବାବେଳେ ଏବେ ଓଡିଶାର ଏକ କମ୍ପାନୀ ଦ୍ୱାରା ଏହି ବ୍ୟାଙ୍କରୁ ୨୭୦.୫୭କୋଟି ଟଙ୍କାର ରଣ ଜାଲିଆତି ସାମ୍ନାକୁ ଆସିଛି । ଫେବୃୟାରୀ ୧୮ତାରିଖ ମଙ୍ଗଳବାର ପିଏନବି ପକ୍ଷରୁ ଏହି ୨୭୦କୋଟି ଟଙ୍କାର ରଣ ଜାଲିଆତି ସୂଚ଼ନା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)କୁ ଦିଆଯାଇଛି । ତେବେ ଓଡିଶାର ଏହି ନୀରବ ମୋଦି କିଏ ଓ କିଭଳି ଜାଲିଆତି ହୋଇଛି ସେ ନେଇ ଖୋଲତାଡ ପରେ ଅନେକ ରୋଚ଼କ ତଥ୍ୟ ପଦାକୁ ଆସିଛି ।ସୂଚ଼ନା ଅନୁସାରେ, ପିଏନବି ପକ୍ଷରୁ ମଙ୍ଗଳବାର ଆରବିଆଇକୁ ୨୭୦.୫୭ କୋଟି ଟଙ୍କାର ରଣ ଜାଲିଆତି ସମ୍ପର୍କରେ ଲିଖିତ ଅବଗତ କରାଯାଇଛି । ଭୁବନେଶ୍ୱରସ୍ଥିତ ଗୁପ୍ତା ପାୱାର ଇନଫ୍ରାଷ୍ଟକଚ଼ର ଲିମିଟେଡ୍ କମ୍ପାନୀ ଦ୍ୱାରା ଏହି ଜାଲିଆତି କରାଯାଇଛି । ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ଷ୍ଟେସନ ବଜାର ଶାଖାରେ ଏହି ରଣ ଜାଲିଆତି ହୋଇଥିବା ନେଇ ଆରବିଆଇକୁ ସୂଚ଼ିତ କରାଯାଇଛି । ଏହି ଜାଲିଆତି ପାଇଁ ବ୍ୟାଙ୍କକୁ ବେଶ୍ ଆର୍ଥିକ କ୍ଷତି ସହିବାକୁ ପଡିଛି । ଗୁପ୍ତା ପାୱାର ଇନଫ୍ରାଷ୍ଟକଚ଼ରର ରଣକୁ ବ୍ୟାଙ୍କ ପକ୍ଷରୁ ନନ ପରଫର୍ମିଙ୍ଗ ଆସେଟ(ଏନପିଏ) ଶ୍ରେଣୀରେ ସାମିଲ ମଧ୍ୟ କରାଯାଇଥିଲା । ଏବେ ଏହାକୁ ବ୍ୟାଙ୍କ ଜାଲିଆତି ଭାବେ ରିଜର୍ଭ ବ୍ୟାଙ୍କକୁ ଅବଗତ କରାଯାଇଛି । ବ୍ୟାଙ୍କ ନିୟମାନୁସାରେ ଗୁପ୍ତା ପାୱାରର ଏହି ରଣ ପରିମାଣକୁ ମଧ୍ୟ ୨୭୦.୫୭କୋଟି ଟଙ୍କାର ପ୍ରୋଭିଜନିଂଙ୍ଗ ମଧ୍ୟ କରିଦିଆଯାଇଛି ।ପିଏନବି ବ୍ୟାଙ୍କକୁ ପୂର୍ବରୁ ନୀରବ ମୋଦିଙ୍କ ବଡ ରଣ ଜାଲିଆତି ଯୋଗୁ ୧୩୫୭୮କୋଟି ଟଙ୍କାର କ୍ଷତି ସହିବାକୁ ପଡିଥିଲା । ଏହି ରଣ ଜାଲିଆତି ପଦାକୁ ଆସିବା ପରେ ବ୍ୟବସାୟୀ ନୀରବ ମୋଦି ଦେଶ ଛାଡି ପଳାୟନ କରିଛନ୍ତି । ଏହାପରେ ପିଏନବିରେ ଗୁପ୍ତା ପାୱାର ଦ୍ୱାରା ସବୁଠୁ ବଡ ରଣ ଜାଲିଆତି ବୋଲି ଜଣାପଡିଛି ।ଅନ୍ୟପକ୍ଷରେ ଖୋଲତାଡରୁ ଜଣାପଡିଛି ଯେ, ୧୯୬୧ ମସିହାରେ ଗଠିତ ଗୁପ୍ତା ପାୱାର ଇନଫ୍ରାଷ୍ଟକର ଲିମିଟେଡକୁ ୧୯୭୦ ମସିହାରେ ଓଡିଶାର ଜଗଦୀଶ ରାୟ ଗୁପ୍ତାଙ୍କ ପରିବାର ଅଧିଗ୍ରହଣ କରିଥିଲା । ସେବେଠୁ ଏହି କମ୍ପାନୀ ଗୁପ୍ତା ପରିବାର ପାଖରେ ରହିଛି । ଏହି କମ୍ପାନୀ କେବୁଲ ଓ ଆଲୋ କେବୁଲ ଉତ୍ପାଦ କାର୍ଯ୍ୟ କରେ । ନିଜର ବ୍ରାଣ୍ଡ କେବୁଲ 'ରାହିନୋ' ପାଇଁ ମଧ୍ୟ କମ୍ପାନୀ ପରିଚ଼ିତ ।କର୍ପ ?ାରେଟ ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ଅନୁସାରେ, ୨୦୨୪ ଡିସେମ୍ବର ୨୬ତାରିଖ ସୁଦ୍ଧା ଗୁପ୍ତା ପାୱାର ଇନଫ୍ରାଷ୍ଟକଚ଼ର ଲିମିଟେଡ ଉପରେ ମୋଟ ରଣବକେୟା ୬୭୪୮.୯୫କୋଟି ଟଙ୍କା ଥିଲା । କମ୍ପାନୀ ଏହି ତାରିଖ ସୁଦ୍ଧା ୧୦୦୫.୦୫ କୋଟି ଟଙ୍କାର ରଣ ପରିଶୋଧ କରିଛି । କମ୍ପାନୀ ଏହି ତାରିଖ ସୁଦ୍ଧା ସର୍ବାଧିକ ୩୬୭୭.୭୬ କୋଟି ଟଙ୍କାର ରଣ କାନାଡା ବ୍ୟାଙ୍କରୁ ନେଇଛି । ଆହ୍ଲାବାଦ ବ୍ୟାଙ୍କରୁ ୯୧୫.୯୭କୋଟି ଟଙ୍କା, ଅନ୍ୟାନ୍ୟ ବ୍ୟାଙ୍କରୁ ୧୮୮୬.୭୨ କୋଟି, ଏଚ଼ଡିଏଫସି ବ୍ୟାଙ୍କରୁ ୧୧୭.୫୦କୋଟି ଟଙ୍କା, ବ୍ୟାଙ୍କ ଅଫ ଇଣ୍ଡିଆରୁ ୧୦୦କୋଟି ଟଙ୍କାର ରଣ ବକେୟା ରଖିଛି ।ଯଦିଓ ଗୁପ୍ତା ପାୱାର କମ୍ପାନୀର ୨୦୨୨ ଆର୍ଥିକ ବର୍ଷ ଶେଷ ସୁଦ୍ଧାର ଅଡିଟ୍ ରିପୋର୍ଟ ଅନୁସାରେ କମ୍ପାନୀର ମୋଟ ଆୟ ୨୦୨୧ ମାର୍ଚ୍ଚ ୩୧ସୁଦ୍ଧା ୨୯୫୮.୦୧କୋଟି ଟଙ୍କା ଥିବାବେଳେ ୨୦୨୨ ମାର୍ଚ୍ଚ ୩୧ସୁଦ୍ଧା ଏହା ୩୭୦୪.୭୪କୋଟି ଟଙ୍କା ଥିଲା । କମ୍ପାନୀର ଇବିଡିଆଇଟିଏ ମାର୍ଜିନ ୭.୨୮%ରୁ ୬.୫୩%କୁ ହ୍ରାସ ହୋଇଥିବା କମ୍ପାନୀ ତା'ର ଅଡିଟ୍ ରିପୋର୍ଟରେ ଉଲ୍ଲେଖ କରିଛି ।ଓଡିଶାର ଏହି କମ୍ପାନୀରେ ୨୦୨୪ ଜୁଲାଇ ସୁଦ୍ଧା ମୋଟ ୨୧୮ଜଣ କର୍ମଚ଼ାରୀ କାର୍ଯ୍ୟ କରୁଛନ୍ତି । ଏହି କମ୍ପାନୀରେ ପ୍ରମୋଟରଙ୍କ ଅଂଶଧନ ୨୭.୬୬% ଥିବାବେଳେ ପବ୍ଲିକ ଅଂଶଧନ ୭୨.୩୪% ରହିଛି । ଏହି କମ୍ପାନୀର ପରିଚ଼ାଳନା ନିର୍ଦ୍ଦେଶକ ଭାବେ ୧୯୯୭ ସେପ୍ଟେମ୍ବର ୫ରୁ ମହେନ୍ଦ୍ର କୁମାର ଗୁପ୍ତା କାର୍ଯ୍ୟ କରୁଛନ୍ତି । ତାଙ୍କ ପରିବାରର ଅନ୍ୟ ୩ଜଣ ସଦସ୍ୟ ଯତୀନ୍ଦ୍ର ମୋହନ ଗୁପ୍ତା, ଅଭିଷେକ ଗୁପ୍ତା ଓ ପ୍ରବୀଣ କୁମାର ଅଗ୍ରୱାଲ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଭାବେ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣାପଡିଛି ।ତେବେ ଏହି ରଣ ଜାଲିଆତି ନେଇ କମ୍ପାନୀର ମତାମତ ଜାଣିବା ପାଇଁ ଯୋଗାଯୋଗ ସମ୍ଭବପର ହୋଇପାରିନି । କମ୍ପାନୀ କେତେ କୋଟି ଟଙ୍କାର ରଣ ପିଏନବି ବ୍ୟାଙ୍କର ଷ୍ଟେସନବଜାର ଶାଖାରୁ ନେଇଥିଲା ଓ କେଉଁ ସ୍ଥିତିରେ ପରିଶୋଧ କରିନଥିଲା ଓ ତାକୁ କାହିଁକି ୨୭୦.୫୭କୋଟି ଟଙ୍କାର ପ୍ରୋଭିଜନିଂ ବର୍ଗରେ ରଖାଗଲା ସେନେଇ ମଧ୍ୟ ବିଶେଷ ତଥ୍ୟ ମିଳିପାରିନି ।

## ୩ ଲକ୍ଷରୁ ଅଧିକ ମୃତ ବ୍ୟକ୍ତିଙ୍କ ନାଁରେ ଉଠୁଥିଲା ଚ଼ାଉଳ, କେଉଁଠି କେତେ ରାସନ କାର୍ଡ

ଭୁବନେଶ୍ୱର,୧୯।୨(ପି.ଏନ): ଭୂତ ଖାଉଥିଲେ ରାସନ କାର୍ଡ । ବିଧାନସଭାରେ ଏନେଇ ଉତ୍ତର ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚ଼ନ୍ଦ୍ର ପାତ୍ର । ରାଜ୍ୟରେ ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ଉଠୁଥିଲା ରାସନ ।କେନ୍ଦୁଝରରେ ଅଧିକ ମୃତ ବ୍ୟକ୍ତି ରାସନ ଚ଼ାଉଳ ଉଠାଉଥିଲେ- ସୂଚ଼ନା ଅନୁସାରେ, ଇକେୱାଇସି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କେତେ ଜଣ କରିଛନ୍ତି ସେନେଇ ପ୍ରଶ୍ନ କରିଥିଲେ ଗଣେଶ୍ୱର ବେହେରା । ଏହାର ଉତ୍ତର ଦେଇଛନ୍ତି ମନ୍ତ୍ରୀ କୃଷ୍ଣଚ଼ନ୍ଦ୍ର ପାତ୍ର ।



କେନ୍ଦୁଝରରେ ସର୍ବାଧିକ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଉଠିଥିବା କଥା କୁହାଯାଉଛି ।ମନ୍ତ୍ରୀ ରଖିଲେ ଆଶ୍ଚର୍ଯ୍ୟଜନକ ଉତ୍ତର- ୩୫ ହଜାର ୫୫୦ଜଣ ମୃତ ବ୍ୟକ୍ତି ରାସନ କାର୍ଡ ହାତେଇଥିଲେ । ଗଞ୍ଜାମରେ ୨୫ ହଜାର ୭୮୯, ମୟୂରଭଞ୍ଜରେ ୨୩ ହଜାର ୭୯୯, ରାୟଗଡାରେ ୨୨ହଜାର ୪୧୧ଜଣ ମୃତ ବ୍ୟକ୍ତି ରାସନ ଚ଼ାଉଳ ଉଠାଉଥିବା କହିଛନ୍ତି ମନ୍ତ୍ରୀ।

## ବର୍ଷା ନେଇ ଆଲର୍ଟ ଜାରି କଲା ପାଣିପାଗ ବିଭାଗ, ୨୪ ଘଣ୍ଟାରେ ଝଡ଼ବର୍ଷା

ଭୁବନେଶ୍ୱର,୧୯।୨(ପି.ଏନ): ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ୧୯ରୁ ୨୧ ବର୍ଷା ନେଇ ପୂର୍ବାନୁମାନ କରିଥିଲା। ଏହାରି ଭିତରେ ବର୍ତ୍ତମାନ ୯ ଜିଲ୍ଲାକୁ ୱାର୍ଣ୍ଣିଂ ଦିଆଯାଇଛି । ଆସନ୍ତା ୨୪ ଘଣ୍ଟାରେ ଝଡ଼ବର୍ଷାର ସମ୍ଭାବନା ରହିଥିବା ବେଳେ ୯ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରାଯାଇଛି ।୯ ଜିଲ୍ଲାକୁ ସତର୍କବାଣୀ- ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ରହିଛି । ଝଡ଼ବର୍ଷା ନେଇ ୯ ଜିଲ୍ଲାକୁ ସତର୍କ ସୂଚ଼ନା ଜାରି କରାଯାଇଛି ।ବର୍ଷା ସହିତ ପଡିବ କୁଆପଥର- ଘଡ଼ଘଡି ସହିତ କୁଆପଥର ବର୍ଷା ନେଇ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରକୁ ଚେତାବନୀ ଦିଆଯାଇଛି ।

## ରେଖା ଗୁପ୍ତା ହେବେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୯।୨(ପି.ଏନ): ପ୍ରତୀକ୍ଷା ସମାପ୍ତ ହେଲା। କଳ୍ପନାଜଳ୍ପନାର ଅନ୍ତ ଘଟିଲା। ବିଜେପି ଘୋଷଣା କଲା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ନାଁ। ରେଖା ଗୁପ୍ତା ହେବେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ। ଆଜି ସନ୍ଧ୍ୟାରେ ଦିଲ୍ଲୀ ବିଜେପି ବିଧାୟକ ଦଳ ବୈଠକରେ କରାଯାଇଛି ଏହି ଘୋଷଣା। ସେ ଆସନ୍ତାକାଲି ଐତିହାସିକ ରାମଲୀଲା ମୈଦାନରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏହା ସହିତ ସେ ହେବେ ଦିଲ୍ଲୀର ଚ଼ତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ରେସ୍ ?ରେ ଥିବା ପରବେଶ ସାହିବ ସିଂହ ବର୍ମା ହେବେ ଉପମୁଖ୍ୟମନ୍ତ୍ରୀ। ସେ ନୂଆଦିଲ୍ଲୀ ଆସନରେ ଅରବିନ୍ଦ କେଜ୍ରିୱାଲଙ୍କୁ ୪ ହଜାରରୁ ଅଧିକ ଭୋଟ୍ ?ରେ ହରାଇଥିଲେ। ଏହା ପରେ ସେ ମୁଖ୍ୟମନ୍ତ୍ରୀ ରେସ୍ ?ରେ ସର୍ବାଗ୍ରେ ଥିବା ନେଇ ଆଲୋଚ଼ନା ଆରମ୍ଭ ହୋଇଯାଇଥିଲା। ତେବେ ସମୟ ଗଡିବା ସହିତ ଜଣେ ମହିଳାଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ କରିବ ବୋଲି ଚ଼ର୍ଚ୍ଚା ଜୋର ଧରିଥିଲା ଓ ରେଖା ଗୁପ୍ତାଙ୍କ ନାଁ ସାମ୍ନାକୁ ଆସିଥିଲା। ଆଉ ଶେଷରେ ଆଜି ତାଙ୍କ ନାଁ ଉପରେ ବାଜିଲା ମୋହର। ଦଳର ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିବା ସହିତ ତିନିଥର ମ୍ୟୁନିସିପାଲିଟି କାଉନସିଲର ହୋଇଥିବା ରେଖା ଗୁପ୍ତା ଏଥର ପ୍ରଥମ ଥର ପାଇଁ ବିଧାୟକ ଭାବେ ନିର୍ବାଚ଼ିତ ହୋଇଥିବା ବେଳେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଛି। ସେ ଶାଲିମାର ବାଗରୁ ନିର୍ବାଚ଼ନ ଜିତିଛନ୍ତି। ଶାଲିମାର ବାଗ ବିଧାନସଭା ଆସନରେ ରେଖା ଗୁପ୍ତା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆପ୍ ?ର ବନ୍ଦନା କୁମାରୀଙ୍କୁ ୨୯ ହଜାରରୁ ଅଧିକ ଭୋଟ୍ ?ରେ ପରାସ୍ତ କରିଥିଲେ। ରେଖା ଗୁପ୍ତାଙ୍କୁ ୬୮,୨୦୦ ଖଣ୍ଡ ଭୋଟ୍ ମିଳିଥିବା ବେଳେ ବନ୍ଦନା କୁମାରୀଙ୍କୁ ୩୮,୬୦୫ ଖଣ୍ଡ ଭୋଟ୍ ମିଳିଥିଲା। ସେହିପରି କଂଗ୍ରେସ ପ୍ରାର୍ଥୀ ପ୍ରବୀଣ ଜୈନଙ୍କୁ ମାତ୍ର ୪,୮୯୨ ଖଣ୍ଡ ଭୋଟ୍ ମିଳିଥିଲା। ୧୯୭୪ ମସିହାରେ ଜନ୍ମ ହୋଇଥିବା ରେଖା ଗୁପ୍ତା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ସାଧାରଣ ସଂପାଦକ ଓ ସଭାପତି ଭାବେ ନିର୍ବାଚ଼ିତ ହୋଇଥିଲେ। ସେ ୧୯୯୬ରୁ ୧୯୯୭ ପର୍ଯ୍ୟନ୍ତ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ସଭାପତି ରହିଥିଲେ। ୨୦୦୭ରେ ସେ ଉତ୍ତର ପୀତମପୁରାରୁ ଦିଲ୍ଲୀ କାଉନସିଲର ନିର୍ବାଚ଼ନ ଜିତିଥିଲେ। ୨୦୧୨ରେ ସେ ପୁଣି ଥରେ ସେଠାରୁ ଦିଲ୍ଲୀ କାଉନସିଲ ନିର୍ବାଚ଼ନ ଜିତିଥିଲେ। ସେ ଦକ୍ଷିଣ ଦିଲ୍ଲୀ ମହାନଗର ନିଗମ (ଏସ୍ଡିଏମ୍ସି)ର ମେୟର ମଧ୍ୟ ରହିଥିଲେ। ୨୦୨୨ରେ ଦଳ ତାଙ୍କୁ ଆପ୍ର ଶେଲୀ ଓବରାଇଙ୍କ ବିରୋଧରେ ମେୟର ପ୍ରାର୍ଥୀ କରିଥିଲା। ରେଖା ଗୁପ୍ତା ବିଜେପି ମହିଳା ମୋର୍ଚ୍ଚାର ଜାତୀୟ ଉପାଧ୍ୟକ୍ଷ ଅଛନ୍ତି। ସେ ପୂର୍ବରୁ ଦଳର ଦିଲ୍ଲୀ ଶାଖାର ମହାସଚ଼ିବ ମଧ୍ୟ ଥିଲେ।

ରେଖା ଗୁପ୍ତାଙ୍କୁ ଦଳ ମୁଖ୍ୟମନ୍ତ୍ରୀ କରିବା ପାଇଁ ଚ଼ୟନ କରିବା ପରେ ସେ ଦଳୀୟ ନେତୃତ୍ୱଙ୍କୁ ଧନ୍ୟବାଦ ଦେବା ସହିତ ନିଷ୍ଠା ଓ ସଚ୍ଚୋଟତାର ସହିତ ଦିଲ୍ଲୀବାସୀଙ୍କ ସେବା କରିବେ ବୋଲି ପ୍ରତିଜ୍ଞା ନେଉଛନ୍ତି ବୋଲି କହିଛନ୍ତି। ବିଜେପି ୨୭ ବର୍ଷ ପରେ ଦିଲ୍ଲୀରେ ଶାସନ କରିବାକୁ ଯାଉଛି। ଏଥର ଦିଲ୍ଲୀ ବିଧାନସଭା ନିର୍ବାଚ଼ନରେ ୭୦ଟି ଆସନରୁ ବିଜେପି ୪୮ଟିରେ ବିଜୟୀ ହୋଇଥିବା ବେଳେ ଆପ୍ ମାତ୍ର ୨୨ଟି ଆସନ ପାଇଛି। ଆପ୍ ? ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସମେତ ଦଳର ଆଗଧାଡିର ଅନେକ ନେତା ଏଥର ପରାସ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମନୀଷ ସିସୋଦିଆ ମଧ୍ୟ ରହିଛନ୍ତି। ତେବେ କିଛି ମାସ ପାଇଁ ମୁଖ୍ୟମନ୍ତ୍ରୀ ପଦରେ ବସିଥିବା ଆତିଶୀ ବିଜୟୀ ହୋଇଛନ୍ତି।

## ୧୦ ବର୍ଷ ପରେ ସଂଶୋଧନ ହେବାକୁ ଯାଉଛି ଜମିପଟ୍ଟା, ରହିବ ଅସଲି ମାଲିକଙ୍କ ନାମ

ଭୁବନେଶ୍ୱର,୧୯।୨(ପି.ଏନ):୧୦ ବର୍ଷ ପରେ ସଂଶୋଧନ ହେବ ଜମିପଟ୍ଟା । ପୂର୍ବ ସରକାର ମଧ୍ୟ ପଟ୍ଟା ଅପଡେଟ କରିବାକୁ ଉଦ୍ୟମ କରିଥିଲେ । ହେଲେ ତହସିଲଦାରଙ୍କ ମାନସିକତା, କାମର ଚ଼ାପ ଓ ମାନବ ସମ୍ବଳ ଅଭାବ ଯୋଗୁଁ ଏହା ସମ୍ଭବ ହୋଇପାରି ନଥିଲା । ଏବେ ବିଜେପି ସରକାର ପୁଣି ଥରେ ଜମିପଟ୍ଟାରେ ଅସଲ ମାଲିକଙ୍କ ନାମ ରଖିବାକୁ ଉଦ୍ୟମ ଆରମ୍ଭ କରିଛି । ରାଜସ୍ୱ ବିଭାଗ ପକ୍ଷରୁ ଜାରି ହୋଇଛି ସ୍ୱତନ୍ତ୍ର ଏସଓପି । ନିର୍ଦ୍ଦିଷ୍ଟ ସମୟ ସୀମା ସ୍ଥିର ହୋଇଛି । ଏଡିଏମ୍ ଜିଲ୍ଲା ସ୍ତରରେ ଓ ଉପଜିଲ୍ଲାପାଳ ସବଡିଭିଜନ ସ୍ତରରେ ନୋଡାଲ ଅଫିସର ଭାବେ କାମ କରିବେ । ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଥିଲେ ମଧ୍ୟ ଏହାର ବାସ୍ତବ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି ।ସୁଦକ୍ଷ ରାଜସ୍ୱ ପ୍ରଶାସନ ପାଇଁ ସଠିକ ଜମିପଟ୍ଟା ବା ଆରଓଆର ନିହାତି ଜରୁରୀ । ଜମିପଟ୍ଟା ସଂଶୋଧନ ପାଇଁ ରାଜସ୍ୱ ବିଭାଗର ଚ଼ାଲିବ ସ୍ୱ ?ଶାଲ ଡ୍ରାଇଭ । ଜାରି ହେଲା ସ୍ୱତନ୍ତ୍ର ଏସଓପି । ଉଦ୍ୟମକୁ ପ୍ରଶଂସା, ହେଲେ କାର୍ଯ୍ୟକାରିତାକୁ ନେଇ ଉଠିଲା ପ୍ରଶ୍ନ । ୧୯୬୨ରୁ ୨୦୧୪ ମଧ୍ୟରେ ବନ୍ଦୋବସ୍ତ ଜରିଆରେ ହୋଇଥିଲା ଜମିପଟ୍ଟାରେ ସଂଶୋଧନ । ଏହା ପରଠାରୁ ଆଉ ହୋଇନାହିଁ । ପଟ୍ଟାରେ ନାଁ ଥିବା ଲୋକଙ୍କ ମଧ୍ୟରୁ ୭୫ରୁ ୮୦ ପ୍ରତିଶତ ପ୍ରାଣ ହରାଇ ସାରିଲେଣି । ଜମିପଟ୍ଟାରେ ଉତ୍ତରାଧିକାରୀଙ୍କ ନାଁ ରହିବା ଜରୁରୀ । ବ୍ୟାଙ୍କ ରଣ, କୃଷି ବୀମା ଓ ସରକାରୀ ସହାୟତା ପାଇଁ ସଠିକ୍ ଜମିପଟ୍ଟା ଜରୁରୀ । ରାଜ୍ୟରେ ୧ କୋଟି ୯୩ ଲକ୍ଷ ୭୭ ହଜାର ୩୭୬ଟି ଜମିପଟ୍ଟା ରହିଛି । ଯେଉଁଥିରେ ୩ କୋଟି ୯୫ ଲକ୍ଷ ୪୨ ହଜାର ୮୮୧ ଲୋକଙ୍କ ନାଁ ରେକର୍ଡରେ ରହିଛି । ହେଲେ ଗତ ୪ ବର୍ଷରେ ମାତ୍ର ୪ ଲକ୍ଷ ୧୨ ହଜାର ଲୋକାଙ୍କ ଜମିପଟ୍ଟା ଅପଡେଟ ହୋଇପାରିଛି । ଓଡିଶା ସର୍ଭେ ? ଓ ସେଟଲମେଣ୍ଟ ଆଇନ ୧୯୫୮ ଅନୁସାରେ ସଠିକ୍ ପଟ୍ଟା ପ୍ରସ୍ତୁତ କରିବା ତହସିଲଦାରଙ୍କ ପ୍ରମୁଖ କାର୍ଯ୍ୟ । କିନ୍ତୁ ବିପର୍ଯ୍ୟୟ କ୍ଷୟକ୍ଷତି ଆକଳନ, ଜମି ଅଧିଗ୍ରହଣ, ବିସ୍ଥାପିତଙ୍କୁ ଥଇଥାନ, ଖଜଣା ଆଦାୟରେ ତହସିଲ କାର୍ଯ୍ୟାଳୟ ବ୍ୟସ୍ତ ରହୁଥିବାରୁ ହୋଇପାରୁନି ପଟ୍ଟା ସଂଶୋଧନ କାମ । କେବଳ ଚ଼ିଠି କରିଦେଲେ ହେବ ନାହିଁ, ଏସବୁ କରିବାକୁ ସରକାର ତହସିଲଦାରମାନଙ୍କୁ ସବୁ ପ୍ରକାର ସହାୟତା ବି ଦେବା ଜରୁରୀ ବୋଲି କହିଛନ୍ତି ସମୀକ୍ଷକ ।ଜମିପଟ୍ଟାରେ ଅସଲ ଜମି ମାଲିକଙ୍କ ନାଁ ଲିପିବଦ୍ଧ କରିବାକୁ ସ୍ୱ ?ଶାଲ ଡ୍ରାଇଭ ଆରମ୍ଭ କରିଛି ରାଜସ୍ୱ ବିଭାଗ । ଏଥିପାଇଁ ସ୍ୱତନ୍ତ୍ର ଏସଓପି ବି ଜାରି ହୋଇଛି । ତହସିଲ ପ୍ରଶାସନ ଗାଁ ଗାଁ ବୁଲି ଏ ବାବଦରେ ଲୋକଙ୍କୁ ସଚେତନ କରିବେ । ସ୍ୱତନ୍ତ୍ର କ୍ୟାମ୍ପ କରି ପଟ୍ଟାରେ ଥିବା ଲୋକଙ୍କ ଉତ୍ତରାଧିକାରୀ ନାଁ ଲିପିବଦ୍ଧ କରିବେ । ଯଦି ଉତ୍ତରାଧିକାରୀମାନେ ଆପୋଷ ବୁଝାମଣାରେ ଜମି ଭାଗ କରିବାକୁ ଚ଼ାହୁଁଥିବେ, ତାହା ତହସିଲ କାର୍ଯ୍ୟାଳୟରେ କରିବେ । ଉତ୍ତରାଧିକାରୀଙ୍କ ନାଁ ଲିପିବଦ୍ଧ କଲା ବେଳେ ଯେପରି କୌଣସି ମହିଳା ଉତ୍ତରାଧିକାରୀ ବାଦ ନପଡନ୍ତି, ସେଥିପ୍ରତି ଗୁରୁତ୍ୱ ଦେବେ । ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲାସ୍ତରରେ ଓ ଉପଜିଲ୍ଲାପାଳ ସବ ଡିଭିଜନ ସ୍ତରରେ ନୋଡାଲ ଅଫିସର ଭାବେ କାମ କରିବେ । ଜିଲ୍ଲାପାଳ ନିୟମିତ ବ୍ୟବଧାନରେ ସ୍ଥିତି ଅନୁଧ୍ୟାନ କରିବେ । ମୋବାଇଲ ଆପ୍ ଜରିଆରେ ବି ଉତ୍ତରାଧିକାରୀଙ୍କ ନାଁ ରେକର୍ଡ କରାଯାଇପାରିବ। ଏଥିରେ ଆଧାର କାର୍ଡ ନମ୍ବର ମଧ୍ୟ ରହିବ । ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ରାଜସ୍ୱ ନିରୀକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେମାନଙ୍କ ପାଇଁ ସରକାର ଇନସେଣ୍ଟିଭ ବ୍ୟବସ୍ଥା ମଧ୍ୟ ରଖିଛନ୍ତି । ଜମିପଟ୍ଟା ସଂଶୋଧନକୁ ସ୍ୱାଗତ କରିଛି କୃଷକ ସଙ୍ଗଠନ । ବିଜେପି ସାଂସଦ ପ୍ରତାପ ଷଡଙ୍ଗୀ ଏହାର ଆବଶ୍ୟକତାକୁ ସ୍ୱୀକାର କରିଥିବା ବେଳେ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ କରିଛନ୍ତି ।ରାଜସ୍ୱ ନିରୀକ୍ଷକ ମାନେ ପ୍ରତି ଗାଁରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରି ଜମି ପଟ୍ଟା ସଂଶୋଧନ କାମ ଆଗେଇ ନେବା ସହ ପ୍ରତିଦିନ ସର୍ବନିମ୍ନ ୨୫ଟି ଖାତା କିମ୍ବା ୨୫ଟି ମୃତ ପ୍ରଜାଙ୍କ ବଂଶାବଳୀ ପ୍ରସ୍ତୁତ କରିବାକୁ କୁହାଯାଇଛି । ରାଜସ୍ୱ ବିଭାଗର ଏହା ଏକ ବୃହତ୍ତମ କାର୍ଯ୍ୟକ୍ରମ ହୋଇଥିବାରୁ ସରକାରୀ ନିର୍ଦ୍ଦେଶନାମା ସହ ଆବଶ୍ୟକ ଭିତ୍ତିଭୂମି ଓ ମାନବସମ୍ବଳ ଯୋଗାଇ ଦେବା ବି ଜରୁରୀ ରହିଛି ।








# ନୂଆ ପ୍ରୋଜେକ୍ଟର ପ୍ରଥମ ପୋଷ୍ଟର ସେୟାର କଲେ କାଜଲ



**ଖୁ**ବ୍‌ଶୀଘ୍ର ନିଜର ଅପ୍‌କମିଙ୍ଗ ଫିଲ୍ମର ଟାଇଟଲ୍ ବିଷୟରେ ଖୁଲାସା କରିବେ ‘ସିଂଘମ୍’ ନାୟିକା କାଜଲ ଅଗ୍ରୱାଲ। ଗତ ଶନିବାର ସେ ନିଜ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଅପ୍‌କମିଙ୍ଗ ଫିଲ୍ମର ଏକ ପୋଷ୍ଟର ଶେୟାର କରିଛନ୍ତି। ବର୍ତ୍ତମାନ ଏହାର ଟାଇଟଲ ରହିଛି ‘କାଜଲ୧୬୦’। ତେବେ ଆଜି ଅର୍ଥାତ୍ ରବିବାର ଫିଲ୍ମର ପ୍ରଥମ ଝଲକ୍ ଓ ଔପଚାରିକ ଟାଇଟଲ୍ ରିଲିଜ୍ ହୋଇଛି। କାଜଲ ଫିଲ୍ମ ବିଷୟରେ ଅଧିକ ତଥ୍ୟର ଖୁଲାସା କରିନାହାନ୍ତି। ଏହା କେଉଁ ଭାଷାରେ ମୁକ୍ତିଲାଭ କରିବ ଏବଂ ଷ୍ଟାରଙ୍କ ବିଷୟରେ ମଧ୍ୟ କିଛି ସୂଚନା ଦେଇନାହାନ୍ତି। ତେବେ ଫିଲ୍ମର ପ୍ରଥମ ପୋଷ୍ଟର ଜାରି କରିବା ପରଠୁ କାଜଲଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟୁଛି। କୁଇନ୍ ଇଜ୍ ବ୍ୟାକ୍ ବୋଲି ଫ୍ୟାନ୍ ଲେଖିଛନ୍ତି। ନିକଟରେ ଏକ ତାମିଲ ହରର ଫିଲ୍ମରେ ନଜର ଆସିଥିଲେ କାଜଲ, ଯାହା ଦର୍ଶକଙ୍କ ମନ ଜିଣିବାରେ ବିଫଳ ହେଲା। ନିର୍ଦ୍ଦେଶକ ଶଙ୍କରଙ୍କ ଅପ୍‌କମିଙ୍ଗ ଫିଲ୍ମ ‘ଇଣ୍ଡିଆନ୍-୨’ରେ ସେ କିମ୍ବଦନ୍ତୀ ତାରକା କମଲ ହାସନଙ୍କ ସହ ନଜର ଆସିବେ। ଏଥିରେ ସିଦ୍ଧାର୍ଥ, ରକୁଲ ପ୍ରୀତ ସିଂହ, ବବି ସମ୍ହା ଓ ପ୍ରିୟା ଭବାନୀ ଶଙ୍କର ମୁଖ୍ୟ ଭୂମିକାରେ ଅଛନ୍ତି। ୧୯୯୬ ମସିହାରେ ଏହାର ପ୍ରଥମ ଭାଗ ମୁକ୍ତିଲାଭ କରିଥିଲା। ୨୦୧୯ ମସିହାରେ ‘ଇଣ୍ଡିଆନ୍-୨’ର ସୁଟିଂ ଆରମ୍ଭ ହୋଇଥିଲା। ଭାରତରେ ପ୍ରମୁଖ ସିନ୍‌ର ସୁଟିଂ ଶେଷ କରି କିଛି ଖାସ୍ ସିନ୍‌ର ସୁଟିଂ ପାଇଁ ଫିଲ୍ମ ଟିମ୍ ତାଇୱାନ ଯିବାକୁ ଯୋଜନା କରୁଛି।



# ଆଦିପୁରୁଷ ବିବାଦ, ଲେଖକଙ୍କୁ ମିଳିଲା ପୋଲିସ ସୁରକ୍ଷା

**ଚ**ଳଚ୍ଚିତ୍ର ‘ଆଦିପୁରୁଷ’କୁ ନେଇ ଜାରି ରହିଛି ବିବାଦ। ଫିଲ୍ମ ଦେଖାଯାଇଥିବା ଦୃଶ୍ୟ ଏବଂ କିଛି ଡାଇଲଗକୁ ନେଇ ସାରା ଦେଶରେ ବିରୋଧ ପ୍ରଦର୍ଶନ ହେଉଛି। ଫିଲ୍ମ ଲେଖକ ମନୋଜ ମୁନ୍ତାଶିରଙ୍କୁ ରାମାୟଣର କାହାଣୀ ଖରାପ କରିଥିବା ତଥା ଅପମାନିତ କରିଥିବା ନେଇ ଟ୍ରୋଲ କରାଯାଉଛି। ବିବାଦ ବଢ଼ିବା ପରେ ମନୋଜ ମୁନ୍ତାଶିର ମୁମ୍ବାଇ ପୋଲିସକୁ ସୁରକ୍ଷା ମାଗିଛନ୍ତି। ଆଉ ଏବେ ଆସିଥିବା ତାଜ ରିପୋର୍ଟ ଅନୁଯାୟୀ ମନୋଜଙ୍କୁ ସୁରକ୍ଷା ମିଳିଛି। ମନୋଜ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରୁଛନ୍ତି। ପ୍ରକୃତରେ ଫିଲ୍ମର ଡାଇଲଗକୁ ନେଇ ମନୋଜଙ୍କୁ ଲଗାତାର ଟାର୍ଗେଟ କରାଯାଉଛି। ରବିବାର, ଫିଲ୍ମର କିଛି ଡାଇଲଗ ବଦଳାଯିବା ନେଇ ମଧ୍ୟ କହିଥିଲେ ମୁନ୍ତାଶିର। ହେଲେ ଏହାପରେ ବି ବିବାଦ କମିନାହିଁ। ଉଲ୍ଲେଖନୀୟ ଯେ, ପ୍ରଭାସ, କୃତି ସାନନ୍ ଓ ସୈଫ୍ ଅଲୀ ଖାନଙ୍କ ଅଭିନୀତ ଫିଲ୍ମ ଆଦିପୁରୁଷ ଶୁକ୍ରବାର ଅର୍ଥାତ୍ ୧୬ ଜୁନ୍‌ରେ ରିଲିଜ୍ ହୋଇଥିଲା। ଫିଲ୍ମକୁ ନେଇ ଏହି ସମୟରେ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ଫିଲ୍ମଟି ବକ୍ସ ଅଫିସରେ ଧମାକା ତ କରୁଛି, କିନ୍ତୁ ଏଥିରେ ଦେଖାଯାଇ ଥିବା ଦୃଶ୍ୟ ଓ ସଂଳାପକୁ ନେଇ ସାରା ଦେଶରେ ଏହାର ବିରୋଧ ମଧ୍ୟ ହେଉଛି। ଅନ୍ୟପଟେ ଫିଲ୍ମକୁ ନେଇ ବ୍ୟାନ୍ ଲଗେଇବା ଦାବି ଉଠିଛି। ରାମାୟଣ ଉପରେ ପର୍ଯ୍ୟବେଶିତ ଏହି ଫିଲ୍ମର ନିର୍ଦ୍ଦେଶକ ଅଛନ୍ତି ଓମ୍ ରାଉତ୍। ଫିଲ୍ମ ନିର୍ମାତାଙ୍କ ଉପରେ ହିନ୍ଦୁତ୍ୱ ଭାବନାକୁ ଆଘାତ ପହଂଚାଇବାର ଅଭିଯୋଗ ହୋଇଛି ଏମିତିକି ଅନେକ ଫିଲ୍ମକୁ ବ୍ୟାନ କରିବାକୁ ଦାବି କରୁଛନ୍ତି। ଖାଲି ଏତିକି ନୁହେଁ ଅନେକ ରାଜନୈତିକ ଦଳର ନେତା ବି ଫିଲ୍ମର ବିରୋଧ କରୁଛନ୍ତି ଏବଂ ଏହା ଉପରେ ବ୍ୟାନ ଲଗାଇବାକୁ ଦାବି କରୁଛନ୍ତି। କେନ୍ଦ୍ର ସରକାର ମଧ୍ୟ କଡ଼ା ଟିପ୍ପଣୀ କରିଛନ୍ତି। କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ‘କାହାର ଭାବନାକୁ ଆଘାତ ଦେବାରେ ଅନୁମତି ନାହିଁ।

# ଗ୍ରୀନ୍ ଲାଇଟ୍ ଥେରାପି

**ଆ**ମେରିକାରେ ପାଂଚ କୋଟିରୁ ଅଧିକ ଲୋକ କେ?ଣସି ନା କେ?ଣସି ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଔଷଧ, ଆକ୍ୟୁପଙ୍କଚର, ମସାଜ୍ ଆଦି ସେମାନଙ୍କ ଯନ୍ତ୍ରଣା ହ୍ରାସ କରିପାରୁ ନାହିଁ। ଅନେକ ଯନ୍ତ୍ରଣା ଲାଘବ ପାଇଁ ନେଉଥିବା ଔଷଧକୁ ଏକ ଅଭ୍ୟାସରେ ପରିଣତ କରିଦେଲେଣି ବୋଲି ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ କିଛି ସମୟ ଗ୍ରୀନ୍ ଲାଇଟ୍ ବା ସବୁଜ ରଶ୍ମିରେ ରହିବା ଯେ କୌଣସି ଯନ୍ତ୍ରଣାକୁ କମ୍ କରିଥାଏ ବୋଲି ପ୍ରକାଶ ପାଇଛି। ଏହାକୁ ଗ୍ରୀନ୍ ଲାଇଟ୍ ଥେରାପି କୁହାଯାଉଛି। ସବୁଠୁ ବଡ଼ କଥା ହେଲା, ଏହି ପଦ୍ଧତିରେ କୌଣସି କୁପ୍ରଭାବ ପଡ଼ି ନଥାଏ। ଏଥିପାଇଁ କିଛି ଲୋକଙ୍କୁ ନେଇ ପରୀକ୍ଷା କରାଯାଇଥିଲା। ପ୍ରତ୍ୟେକ ଦିନ ସେମାନଙ୍କୁ ୪ ଘଂଟା ଅଲଗା ଅଲଗା ରଙ୍ଗର ଚଷମା ପିନ୍ଧିବାକୁ ଦିଆଯାଇଥିଲା। ଯେଉଁ ଲୋକମାନେ ସବୁଜ ରଙ୍ଗର ଚଷମା ପିନ୍ଧିଥିଲେ ସେମାନେ କମ୍ ଯନ୍ତ୍ରଣା ଅନୁଭବ କରିବା ସହ ପେନ୍‌କିଲର୍ ନେବା ଛାଡ଼ି ଦେଇଥିଲେ। ସବୁଜ ରଶ୍ମି ସ୍ନାୟୁଗୁଡ଼ିକଦ୍ୱାରା ଚକ୍ଷୁରୁ ମସ୍ତିଷ୍କ ପର୍ଯ୍ୟନ୍ତ ଯାଇଥାଏ। ଏହାଦ୍ୱାରା ଯନ୍ତ୍ରଣା ଉପଶମ ହୋଇଥାଏ। ଏଥିଯୋଗୁଁ ମାଇଗ୍ରେନ୍ ସମସ୍ୟା ୬୦% ହ୍ରାସ ପାଇଥବା ଏହି ଅଧ୍ୟୟନରୁ ଜଣାପଡ଼ିଥିଲା।



# ମିରର ବିଚ୍

ଜାପାନ୍‌ର ମିତୋୟୋ ସରହରସ୍ଥ ଚିଚିବୁଗାହାମା ବିଚ୍ ହେଉଛି ଏକ ଲୋକପ୍ରିୟ ସ୍ଥାନ। ଲୋକଲୋଚନଠାରୁ ଦୂରରେ ଥିବା ଏହି ସ୍ଥାନ ସୋସିଆଲ୍ ମିଡିଆ ପାଇଁ ଏକ ପର୍ଯ୍ୟଟନସ୍ଥଳୀ ହୋଇପାରିଛି। ୨୦୧୬ରେ ପର୍ଯ୍ୟଟନର ବିକାଶ ପାଇଁ ଏକ ଫଟୋସୁଟ୍ ହୋଇଥିଲା। ସେଥିରେ



ଚିଚିବୁଗାହାମା ବେଳାଭୂମିର ଜଳରେ ଦୁଇଟି ପିଲାଙ୍କ ପ୍ରତିଛବିର ଫଟୋ ଏତେ ସୁନ୍ଦରଭାବେ ଉଠାଯାଇଥିଲା ଯେ, ଲାଗୁଥିଲା ଯେମିତି ବେଳାରେ ଏକ ଦର୍ପଣ ରଖାଯାଇଛି। ଆକାଶ ସହିତ ପିଲାର ଅବିକଳ ଛବି ସେଇ ପାଣିରେ ପଡୁଥିବାର ଦେଖିବାକୁ ମିଳିଥିଲା। ସେବେଠାରୁ ଏହି ବେଳାଭୂମିର ନାମ ମିରର ବିଚ୍ ରଖାଗଲା। ଏହାପରେ ୱେବ୍‌ସାଇଟ୍‌ରେ ଚିଚିବୁଗାହାମା ବିଚ୍‌ରେ କି ଭଳି ସମାନ ପ୍ରତିଛବି ଫଟୋ ଉଠାଇ ହେବ ସେ ନେଇ ଟିପ୍ପଣୀ ଦିଆଗଲା। ତା’ ସହ ସେଠାକାର ଜୁଆର ଆସିବା ଓ ସୂର୍ଯ୍ୟାସ୍ତ ହେବା ସମୟର ବିବରଣୀ ବି ଦିଆଗଲା। ସୋସିଆଲ୍ ମିଡିଆରୁ ଏ ବିଷୟରେ ଜାଣି ହଜାର ହଜାର ପର୍ଯ୍ୟଟକ ଏହି ମିରର ବିଚ୍‌କୁ ଆସିବାକୁ ଲାଗିଲେ।



# କନ୍ୟା ସନ୍ତାନର ଜନକ ହେଲେ ରାମଚରଣ, ଉପାସନା

**ବା**ପା ହେଲେ ସାଉଥ ସୁପରଷ୍ଟାର ରାମ ଚରଣ। ପତ୍ନୀ ଉପାସନା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ହାଇଦ୍ରାବାଦ ସ୍ଥିତ ଆପୋଲୋ ହସ୍ପିଟାଲ ପକ୍ଷରୁ ଏକ ବୁଲେଟିନ ଜାରି କରି ଏହି ସୂଚନା ଦିଆଯାଇଛି। ଉଭୟ ମା’ ଓ ପିଲା ସୁସ୍ଥ ଥିବା ମେଡିକାଲ ପକ୍ଷରୁ କହୁଯାଇଛି। ଉଭୟଙ୍କର ଏହା ପ୍ରଥମ ସନ୍ତାନ। ବିବାହର ୧୧ ବର୍ଷ ପରେ ରାମଚରଣ ଓ ଉପାସନାଙ୍କ ଘରକୁ ଆସିଛନ୍ତି ଲକ୍ଷ୍ମୀ। ଯାହାପରେ ରାମ ଚରଣଙ୍କ ଘରେ ଆରମ୍ଭ ହୋଇଯାଇଛି ଉତ୍ସବ। ତେବେ ରାମଚରଣ ଏବଂ ଉପାସନାଙ୍କ କନ୍ୟା ସନ୍ତାନ ପରେ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ଅଭିନେତ୍ରୀ ରକୁଲପ୍ରୀତ ସିଂହ ଇନ୍?ଷ୍ଟା ଷ୍ଟୋରିରେ ରାମଚରଣ ଏବଂ ଉପାସନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହିତ ଅନେକ ଅଭିନେତା ଓ ଅଭିନେତ୍ରୀ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୨ ଜୁନ୍ ୧୪ରେ ସାଉଥ ସୁପରଷ୍ଟାର ରାମଚରଣ ଓ ଉପାସନା ବିବାହ କରିଥିଲେ। ରାମଚରଣ ସାଉଥ ଇଣ୍ଡଷ୍ଟ୍ରିରେ ଜଣେ ସଫଳ ଅଭିନେତା ତଥା ମେଗାଷ୍ଟାର ଚିରଞ୍ଜୀବୀଙ୍କ ପୁଅ। ସେପଟେ ଉପାସନା ପ୍ରଖ୍ୟାତ ବ୍ୟବସାୟ ଅନିଲ୍ କାମିନେନିଙ୍କ ଝିଅ ଥିଲେ।




## ଗାନ୍ଧି କଥାରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଆହ୍ୱାନ

# ହଜିଯାଉଥିବା ପଶୁପକ୍ଷୀଙ୍କ ସଂରକ୍ଷଣ ଲାଗି ଅଭିନବ ପ୍ରୟାସ



କେନ୍ଦୁଝର,(ପି.ଏନ): ନରଣପୁର ଅଞ୍ଚଳର ହରିହରପୁର ଗ୍ରାମରେ ଗାନ୍ଧିବିଚାର ପରିଷଦ କେନ୍ଦୁଝର, କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ ଓ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ମଇଦାନକେଲର ମିଳିତ ସହଯୋଗରେ ଏକ ଦିବସୀୟ ଗାନ୍ଧିକଥା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଇଦାନକେଲ ପଞ୍ଚାୟତର ଛାମୁଆ ଓ ଲଢୁଆ ମହିଳା ଶ୍ରୀମତୀ ରଞ୍ଜୁଲତା ମହନ୍ତଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ନାଏବ ସରପଞ୍ଚ କଳ୍ପନା ମହାନ୍ତ ସଭାପତିତ୍ୱରେ ମଇଦାନକେଲ, କେରି, ହରିହରପୁର, ବଳିଆବେଡା, ବାରଖଣ୍ଡା, ଜଗନ୍ନାଥପୁର, ବାସୁଦେବପୁର ଆଦି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଯୋଗଦେଇ ଗାନ୍ଧିକଥା ଶୁଣିଥିଲେ । ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧକ୍ଷ ତଥା କେନ୍ଦୁଝର ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ଶ୍ରୀ ଭକ୍ତ ବତ୍ସଳ ମହାନ୍ତି ଏହି ସଭାରେ ଅତିଥି ଭବେ ଯୋଗଦେଇ ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ବିଷୟରେ ଲୋକଙ୍କୁ ବୁଝାଇଥିଲେ । ଗ୍ରାମକୁ ସ୍ୱାବଲମ୍ବୀ କରିବାକୁ ହେଲେ ପ୍ରତ୍ୟେକ ମହିଳା ପ୍ରଥମେ ସ୍ୱାବଲମ୍ବୀ ହେବାକୁ ପଡ଼ିବ ବୋଲି ସେ କହିଥିଲେ । ଦଳ କଲେ ବଳ ବଢେ,ଦଳ ଭିତରେ ଥାଇ ପ୍ରତ୍ୟେକ ମହିଳାମାନେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାକୁ ନାବାର୍ଡ, କୃଷି ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ବିଭିନ୍ନ ଯୋଜନାର ଲାଭ ଉଠାଇ ନିଜର ତଥା ଗ୍ରାମର ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବାର ଅନେକ ସୁଯୋଗ ଆଜିକାଲି ରହିଛି ବୋଲି ସେ କହିଥିଲେ । ହରିହରପୁରକୁ ନିଶାମୁକ୍ତ ଗ୍ରାମ ଭାବେ ପରିଣତ କରିବା ପାଇଁ ତିଳୋତ୍ତମା ମହାନ୍ତ, କାଞ୍ଚନ ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ ପ୍ରମୁଖ ଶପଥ ନେଇଥିଲେ । ମଦ, ଗଞ୍ଜେଇ, ଆଦି ନିଶା ପାନ କରିବା ଦ୍ୱରା ବିଭିନ୍ନ ସମୟରେ ଦୁର୍ଘଟଣାରେ ଅନେକ ଜୀବନ ଅକାଳରେ ଝଡି ପଡିବା ସହ ଅନେକ ଶିଶୁ ଅନାଥ ହେଉଛନ୍ତି ଓ ଅନେକ ଘରର ରୋଜଗାର ହାନୀ ଘଟୁଛି । ତେଣୁ ପୁରୁଷ ମାନଙ୍କ ନିଶା ସେବନକୁ ଘରର ମହିଳା ମାନଙ୍କର ଗୁରୁ ଦାୟିତ୍ୱ ରହିଥିବା ବିଷୟରେ ସଭାରେ ଆଲୋଚନା ହୋଇଥିଲା । ଜଙ୍ଗଲ ଆଦିବାସୀଙ୍କ ଭାତହାଣ୍ଡି, ତେଣୁ ମହୁଲ, ଚୁଲ, ଝୁଣା, ଶାରଗି,ଛତୁ, ଶାଳପତ୍ର,ଦାନ୍ତକାଠି, ଶାଗ ପରି ଅନେକ ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରୟ କରି ବନବାସୀମାନେ ନିଜର ଗୁଜୁରାଣ ମେଣ୍ଟାଉ ଥିବାରୁ ଜଙ୍ଗଲର ସୁରକ୍ଷା କରି ନିଜର ଜୀବନ ଜୀବିକାକୁ ସୁରକ୍ଷିତ କରିବା ପାଇଁ ଏହି ସଭାରେ ଆହ୍ୱାନ ଦିଆ ଯାଇଥିଲା । ବିଭିନ୍ନ ବନ୍ୟଜନ୍ତୁ ଓ ହାତୀର ସୁରକ୍ଷା ଆମ ଦାୟିତ୍ୱ ହୋଇଥିବାରୁ, ଜଙ୍ଗଲ ଭିତରେ ଓ ଆଖପାଖରେ ବର ଓସ୍ତ,କଦଳୀ,ବାଉଁଶ ଆଦି ଗଛ ଲଗାଇ ଜଙ୍ଗଲ ସୃଷ୍ଟି କଲେ ବିଭିନ୍ନ ବନ୍ୟଜନ୍ତୁ ଓ ହାତୀ ପାଇଁ ପ୍ରଚୁର ଖାଦ୍ୟ ମିଳିପାରିବ ଫଳରେ ସେମାନେ ଆଉ ଜନବସତି ମୁହାଁ ନ ହୋଇ ଜଙ୍ଗଲ ଭିତରେ ରହିବେ ବୋଲି ସମସ୍ତ ମହିଳାଙ୍କୁ ସଚେତନ କରା ଯାଇଥିଲା । ଏହିସଭାରେ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ମନୋଜ ମହାନ୍ତ, ପ୍ରଶାନ୍ତ ମହାନ୍ତ ଓ କେନ୍ଦୁଝର ଉନ୍ନୟନ ଟ୍ରଷ୍ଟର ସଦସ୍ୟ ମାନେ ଯୋଗଦେଇ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ଝାରବେଡା ଠାରେ ଅଷ୍ଟମ ବାର୍ଷିକ ପାଲଲହଡା ଉପଖଣ୍ଡ ସ୍ତରୀୟ

# ଅଖିଳ ଭାରତୀୟ ଗଣ୍ଡଓ୍ୱାନା ଗୋଣ୍ଡ ମହାସଭା ଅନୁଷ୍ଠିତ



ପାଲଲହଡା ,(ପି.ଏନ): ଝାରବେଡା ଯଘା ଲିଙ୍ଗା ମନ୍ଦିର ଠାରେ ଉପଖଣ୍ଡ ସ୍ତରୀୟ ଅଖିଳ ଭାରତୀୟ ଗଣ୍ଡଓ୍ୱାନା ଗୋଣ୍ଡ ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତେକ ବର୍ଷ ପରି ଚଳିତ ବର୍ଷ ମଧ ସାମ୍ବ ଦଶମୀରେ ବଡ଼ଦେଓ ଙ୍କ ପୂଜା ସହିତ ମହାସଭା ଅନୁଷ୍ଠିତ ହୋଇଯାଇଛି ।ଜଘା ଲିଙ୍ଗା ମନ୍ଦିର ରେ ବଡ଼ଦେଓ ଙ୍କ ପୂଜା ବହୁ ଧୁମଧାମ ରେ ପାଳିତ ହୋଇଯାଇଛି । ଝାରବେଡା ସମଲେଶ୍ୱରୀ ମନ୍ଦିର ନିକଟରେ ଥିବା ନଦୀରୁ ପୂଜା ଅର୍ଚ୍ଚନା କରି ଶତାଧିକ ମହିଳା କଳସ ଶୋଭାଯାତ୍ରା ରେ ବାହାରି ଝାରବେଡା ଗାଁ ରେ ଘରେ ଘରେ ପୂଜା ପାଇ ଆସି ଦନି ୩ ଟା ବେଳେ ବଡ଼ଦେଓ ମନ୍ଦିର ରେ ପହଞ୍ଚିଥିଲେ । ମନ୍ଦିର ରେ ବଡ଼ଦେଓ ଙ୍କ ପୂଜା ବହୁ ଧୁମଧାମ ହୋଇଥିଲା । ଶତାଧିକ ଭକ୍ତ ଓ ଗୋଣ୍ଡ ସମାଜ ର କର୍ମକର୍ତା ଯୋଗ ଦେଇଥିଲେ । ପରେ ଗୋଣ୍ଡ ସମାଜ ପକ୍ଷରୁ ଏକ ଶଭା କାର୍ଯ୍ୟ ହୋଇଥିଲା । ଏହି ସଭାରେ ବିଧାୟକ ଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ଝାରବେଡା ସରପଞ୍ଚ ଶିବାନୀ ନାୟକ,ବଡ଼ଦେଓ ମନ୍ଦିର ପ୍ରତିଷ୍ଠାତା ହେମନ୍ତ କୁମାର ନାୟକ, ବ୍ଲକ ସଭାପତି ଅକ୍ଷୟ ନାୟକ, ସଭାନେତ୍ରୀ ସାବିତ୍ରୀ ଗଡ଼ନାୟକ, ସମ୍ପାଦକ ସୁରେଶ ନାୟକ, ବଡ଼ଦେଓ ସମ୍ପାଦକ ଅଲେଖ ଚନ୍ଦ୍ର ନାୟକ,ରାଜ୍ୟ ସ୍ତରୀୟ ସଭ୍ୟ ଶୈଳେନ୍ଦ୍ର ସିଂ, କମଳ ଲୋଚନ ବେହେରା ସମସ୍ତେ ପୁଞ୍ଜି ର ସଭାପତି, ସମ୍ପାଦକ ଓ କର୍ମକର୍ତା ଯୋଗଦେଇଥିଲେ ।

## ମହା ଆଡମ୍ବରରେ ପାଳିତ ହେଲା ସୂର୍ଯ୍ୟ ଦେବଙ୍କ ପୂଜା ବିଧି,

## ହୋମଯଜ୍ଞ ଏବଂ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହେଲା ଭକ୍ତିମୟ ପରିବେଶ



ବାରିପଦା,(ପି.ଏନ): ଶାମ୍ବ ଦଶମୀ ରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି ସୂର୍ଯ୍ୟ ଦେବଙ୍କ ପୂଜା ବିଧି ଆଉ ପେଣ୍ଡେଲ ରେ ଶୋଭା ପାଉଛନ୍ତି ସୁନ୍ଦର ମୃର୍ଣ୍ଣୟ ସୂର୍ଯ୍ୟଦେବଙ୍କ ମୂର୍ତ୍ତି । ଶାମ୍ବ ଦଶମୀ ଅବସରରେ ଭଗବାନ ସୂର୍ଯ୍ୟ ଦେବତା ଧରା ପୃଷ୍ଠରେ ଅବତରଣ କରିଛନ୍ତି ଆଉ ଭକ୍ତ ଙ୍କୁ ଦର୍ଶନ ଦେଉଛନ୍ତି ।ନୈବେଦ୍ୟ ଧରି ଭାବ ବିହ୍ୱଳ ହୋଇ ଠାକୁରଙ୍କୁ ଅନେଇ ଥିଲେ ହଜାର ହଜାର ଭକ୍ତ । ସକଳ ଶକ୍ତିର ଆଧାର ସୂର୍ଯ୍ୟ ନାରାୟଣଙ୍କ ଦିନା କିନ୍ତୁ ତିଥିକୁ ଧ୍ୟାନ ଦେଲେ ପ୍ରତିବର୍ଷ ଶାମ୍ବ ଦଶମୀରେ ସୂର୍ଯ୍ୟ ନାରାୟଣଙ୍କ ସ୍ୱତନ୍ତ୍ର ପୂଜା କରାଯାଇଥାଏ । ଖାସ କରି ବାରିପଦା ସହରବାସୀ ଏହିଦିନ ଟିକୁ ସୂର୍ଯ୍ୟଙ୍କର କୃପା ପାଇବାକୁ ଚାହିଁବସିଥାନ୍ତି । ସୂର୍ଯ୍ୟଦେବ ଦେବତାଙ୍କ ରଥାରୁଢ ପ୍ରତିମୂର୍ତ୍ତିକୁ ଶାମ୍ବଦଶମୀ ଅବସରରେ ପୂଜା କଲେ ମିଳିଥାଏ କୋଟି ଜନ୍ମର ପୂଣ୍ଣ ଓ ହୋଇଥାଏ ବହୁ ରୋଗ ର ଆରାଗ୍ୟ ସାରା ଓଡ଼ିଶାରେ କେବଳ ବାରିପଦାରେ ପୂଜା ପାଉଛନ୍ତି ସୂର୍ଯ୍ୟ ଦେବତା । ରଥାରୂଢ଼ ସୂର୍ଯ୍ୟ ଦେବତାଙ୍କ ପୂଜା ବାରିପଦାର ଏକମାତ୍ର ପୂଜା ହୋଇଥିବା ବେଳେ ଏହା ଓଡିଶାର ଏକମାତ୍ର ଅନନ୍ତ ପରମ୍ପରା ସୃଷ୍ଟି କରିଛି । ବାଘରାରୋଡ ଠାରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି ସୂର୍ଯ୍ୟ ଦେବତାଙ୍କ ପୂଜା ବିଧି । ସୂର୍ଯ୍ୟ ନାରାୟଣଙ୍କ ଅତି ସୁନ୍ଦର ମୃଣ୍ମୟ ମୂର୍ତ୍ତି ମନରେ ଏକ ଅନ୍ୟାନ୍ୟ ଅନୁଭୂତି ଆସିଥାଏ । ପ୍ରତିଥର ଶାମ୍ବ ଦଶମୀରେ ସୂର୍ଯ୍ୟଦେବ ଧରାପୃଷ୍ଟକୁ ଅବତରଣ କରିଥାନ୍ତି । ପ୍ରତ୍ୟକ୍ଷ ଦେବତା ରୂପେ ପୂଜା ପାଉଥିବା ପ୍ରଭୁ ଧରାପୃଷ୍ଠକୁ ଆସି ନିଭ ଭକ୍ତଙ୍କ ଗହଣରେ ରୁହନ୍ତି । ଏନେଇ ଭଗବାନଙ୍କ ସ୍ୱତନ୍ତ୍ର ରୂପେ ପୂଜାର୍ଚ୍ଚନା କରାଯାଏ । ପବିତ୍ର ଶାମ୍ବ ଦଶମୀ ଅବସରରେ ଏହି ପୂଜା ଅନୁଷ୍ଠିତ ହୋଉ ଥିବା ବେଳେ ବାରିପଦା ବାଘରାରୋଡରେ ଦୀର୍ଘ ୫୮ ବର୍ଷ ଧରି ଏହି ପୂଜା ଅନୁଷ୍ଠିତ ହୋଉଛି । କୁହାଯାଏ ଶ୍ରୀ କୃଷ୍ଣ ଙ୍କ ପୁତ୍ର ଶାମ୍ବ ଦୁରା ରୋଗରେ ପୀଡିତ ହୋଇ ଥିବା ବେଳେ ବ୍ରହ୍ମା ଙ୍କ ନିର୍ଦ୍ଦେଶ ପାଇଁ ଶାମ୍ବ ଚନ୍ଦ୍ରଭାଗା କୂଳରେ ସୂର୍ଯ୍ୟ ଆରୋଧନ କରି ସୁସ୍ଥ ହୋଇ ଥିଲେ, ସେଇ ଦିନ ଠାରୁ ଶାମ୍ବ ଦଶମୀ ଅବସରରେ ସୂର୍ଯ୍ୟ ପୂଜା ଅନୁଷ୍ଠିତ ହୋଇଆସୁଅଛି । ପୂଜା କମିଟିର ସଦସ୍ୟ ମାନଙ୍କ ପରିଶ୍ରମ ପାଇଁ ଚଳିତ ବର୍ଷ ସୁନ୍ଦର ମୂର୍ତ୍ତି ସାଙ୍ଗକୁ ରଙ୍ଗବେ ରଙ୍ଗର ତୋରଣରେ ଝଲସୁଛି ବାଘଡା ରୋଡ଼ ଅଞ୍ଚଳ । ସାମ୍ବଦଶମୀ ଅବସରରେ ବାରିପଦା ବୁଢାବଳଙ୍ଗ ନଦୀରୁ ଘଟ ଉତ୍ତୋଳନ କରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ସୂର୍ଯ୍ୟ ଦେବଙ୍କ ଘଟ କୁ ଅଣା ଯାଇଥିଲା, ମହିଳା, ସଂକୀର୍ତ୍ତନ ମଣ୍ଡଳି, ଏବଂ ପାରମ୍ପରିକ ନାଚ ଗିତ କରି କମିଟି ପକ୍ଷରୁ ଘଟ ପରିକ୍ରମା କରି ମଣ୍ଡପରେ ପହଞ୍ଚି ଥିଲା ।

## ପାଲଲହଡା ଉପଖଣ୍ଡ ସ୍ତରୀୟ ସାଧାରଣ ତନ୍ତ୍ର ଦିବସ ପାଳନ ର ପ୍ରସ୍ତୁତି ବୈଠକ



ପାଲଲହଡା,(ପି.ଏନ): ପାଲଲହଡା ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଦିବସ ପାଳନ କମିଟିର ଅଧକ୍ଷ ତଥା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି ଙ୍କ ଅଧକ୍ଷତା ରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରି କାର୍ଯ୍ୟକ୍ରମ କିପରି ଅଧିକ ସରସ ସୁନ୍ଦର କାରିବା ପାଇଁ ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟା ଙ୍କ ମତାମତ ନେଇଥିଲେ । ଚଳିତ ବର୍ଷ ବିଭିନ୍ନ ସଚେତନ ଭିତିକ ପ୍ରତିଯୋଗିତା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯିବା ସହିତ ଉପଖଣ୍ଡ ସ୍ତରୀୟ ଜାତୀୟ ପତାକା ଉତ୍ତୋଳନ ଉତ୍ସବ ଏବଂ ସମନ୍ୱିତ ପ୍ୟାରଡ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଆଜିର ବୈଠକ ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର, ଡେପୁଟି କଲେକ୍ଟର ସୁଶ୍ରୀ ଶୁଭଶ୍ରୀ ଟୁଡ୍ଡୁ, ସହକାରୀ ଜିଲ୍ଲାପାଳ ମନୋରଞ୍ଜନ ଜେନା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତରୁଣୀ କାନ୍ତି ପ୍ରଧାନ, ପାଲଲହଡା ର ସମସ୍ତ ବିଭାଗ ର ଅଧିକାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଦ୍ୟାଳୟ, ମହାବିଦ୍ୟାଳୟ ର ପ୍ରତିନିଧି ଓ ସାମ୍ବାଦିକ ଗଣ ଉପସ୍ଥିତ ଥିଲେ ।

## ବ୍ରହ୍ମେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ଖୁଣ୍ଟାପଡା ଚାମ୍ପିଅନ



ତେଲକୋଇ :କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡା ବ୍ରହ୍ମେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି ।ଖୁଣ୍ଟାପଡା ବ୍ରହ୍ମେଶ୍ୱର କ୍ରିକେଟ୍ କ୍ଲବ ଓ ଅଙ୍ଗଦସାରୁଆଳୀ ଦଳ ମଧରେ ଉଦଯାପନୀ ମ୍ୟାଚ ଖେଳା ଯାଇଥିଲା ।ପ୍ରଥମେ ବ୍ୟାଟିଂ କରି ଖୁଣ୍ଟାପଡା ଦଳ ନିର୍ଦ୍ଧାରିତ ଓଭରରେ ୧୦୦ ରନ୍ ସଂଗ୍ରହ କରି ଚାମ୍ପିଅନ ହୋଇଥିବା ବେଳେ ଜବାବରେ ଅଙ୍ଗଦସାରୁଆଳୀ ଦଳ ୯୮ ରନ୍ ସଂଗ୍ରହ କରି ରନର୍ସ ଅପ ହୋଇଛନ୍ତି ।ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ ।ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖୁଣ୍ଟାପଡା ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା,ସମ୍ମାନିତ ଅତିଥି ବରିଷ୍ଠ ନାଗରିକ ବଳଭଦ୍ର ପ୍ରଧାନ,ୱାର୍ଡ ମେମ୍ବର ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହିତ ଅର୍ଥରାଶି ପୁରସ୍କୃତ କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ଗ୍ରାମକୁ ନୀତି ଆୟୋଗ ଯୁଗ୍ମ ସଚିବଙ୍କ ପରିଦର୍ଶନ



ମୁନିଗୁଡ଼ା,(ପି.ଏନ): ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ଗ୍ରାମକୁ ନୀତି ଆୟୋଗ ଯୁଗ୍ମ ସଚିବଙ୍କ ପରିଦର୍ଶନ । ବିର୍ଶାମୁଣ୍ଡାଙ୍କ ୧୫୦ତମ ଜୟନ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାର ଏକମାତ୍ର ଡଙ୍ଗରିଆ ଗାଁ ଶକଟା କୁ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରିଥିଲେ । ତେଣୁ ଆଜି କେନ୍ଦ୍ର ସରକାରଙ୍କ ନିତି ଆୟୋଗର ଯୁଗ୍ମ ସଚିବ କେ ଏସ ରାଜିମୋନ ଶକଟା ଗାଁକୁ ଗସ୍ତ କରିଛନ୍ତି । ଗସ୍ତ ସମୟରେ ପ୍ରଥମେ ଡଙ୍ଗରିଆଙ୍କ ଦ୍ୱାରା ସ୍ୱାଗତ କରାଯାଇଛି । ଏହି ଅବସରରେ ନିତି ଆୟୋଗ ସଚିବ ଶକଟା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର,ଅଙ୍ଗନୱାଡି କେନ୍ଦ୍ର, ପିଏମ ଜନମନ ଯୋଜନାରେ ନିର୍ମିତ ଆବାସ ଘର,ପାନିୟ ଜଳ ପ୍ରକଳ୍ପ ଆଦି ବୁଲି ଦେଖିଥିଲେ । ପରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହ ଆଦର୍ଶ ଗ୍ରାମ ଶକଟାର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ଡଙ୍ଗରିଆଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ଜାତି ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ଗସ୍ତ ସମୟରେ ଜିଲ୍ଲପାଳ ପାରୁଲ୍ ପଟୱାରିଙ୍କ ସମେତ ଗୁଣୁପୁର ଉପଜିଲ୍ଲାପାଳ କିରଣଦୀପ କୌର,ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣ ଚନ୍ଦ୍ର ଦଳପତି, ତହସିଲଦାର ଏମ୍.ଅନୁରାଧା,ଏଏଇ ଐଶ୍ୱର୍ଯ୍ୟ ଭଞ୍ଜଦେଓ ଙ୍କ ସମେତ ଅନ୍ୟ ଜିଲ୍ଲା ଓ ବ୍ଲକ ର ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ ।

# କଳାହାଣ୍ଡି କ୍ଷତ୍ରୀୟ ପାଇକ ସମାଜ ଭବନ ପ୍ରତିଷ୍ଠା



ଭବାନୀପାଟଣା ,(ପି.ଏନ): ଭବାନୀପାଟଣା ମନ୍ଦାର ବଗିଚ୍ଚାପଡ଼ା ନବନିର୍ମିତ ସମାଜ ଗୃହ ପ୍ରବେଶ ମୁଖ୍ୟ ଅତିଥୁ କଳାହାଣ୍ଡି ମହାରାଜ ଶ୍ରୀଯୁକ୍ତ ଅନନ୍ତ ପ୍ରତାପ ଦେଓଙ୍କ ଦ୍ୱାରା କରାଯାଇଥିଲା । ଉକ୍ତ ସଭାଟି ପୂର୍ବମଣ୍ଡଳ କୁଳପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ଘଡ଼େଇଙ୍କ ନେତୃତ୍ୱରେ ପରିଚ୍ଚାଳିତ ହୋଇଥିଲା । ଏଥିରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ କୁଳାଧକ୍ଷ ଶ୍ରୀଯୁକ୍ତ ଚ୍ଚନ୍ଦ୍ରଧ୍ୱଳ ପେସନିଆ, ପୂର୍ବତନ ମଣ୍ଡଳ ଜିଲ୍ଲା କର୍ମକର୍ତ୍ତା ପଦ୍ମନାଭ ରାଜୁ, ଗୌରଚ୍ଚନ୍ଦ୍ର ଘଡ଼େଇ, ଭବାନୀଶଙ୍କର ବାଣୁଆଁ, କୃଷ୍ଣଚ୍ଚନ୍ଦ୍ର ନାଏକ, ଶ୍ରୀବତ୍ସ ନାଏକ, ମୁଖ୍ୟ ସଚ୍ଚିବ ଶ୍ରୀଯୁକ୍ତ ବାସୁଦେବ ପ୍ରଧାନୀ, ସଂଗଠନ ସଂପାଦକ ଧନଞ୍ଜୟ ବିଶି ବାବେଳେ ସହଯୋଗ କରିଥିଲେ ଭବାନୀପାଟଣା ଉପମଣ୍ଡଳ ସନ୍ତୋଷ ଧଙ୍ଗଡ଼ାମାଝୀ, ତରଣୀସେନ ପାତ୍ର, ସହଦେବ ଧଙ୍ଗଡ଼ାମାଝୀ (ଦାଦପୁର), ପ୍ରଶନ୍ନ ଚ୍ଚିନ୍ଦା (ତୁର୍ଲା) ସହ ଭବାନୀପାଟଣା ମନ୍ଦାରବଗିଚ୍ଚା ପଡ଼ା ପଲ୍ଲୀ ଭୁବନ ନାଏକ, ଅଭିନ୍ନ ପ୍ରଧାନୀ, ଦଳସଦର ପଲ୍ଲୀ ରଜନୀକାନ୍ତ ପୁଝାରୀ ତଥା ୨ ଗୋଟି ପଲ୍ଲୀର କର୍ମକର୍ତ୍ତା, ସଭ୍ୟ ସହିତ ମହିଳା ନେତୃମଣ୍ଡଳୀ ସଭ୍ୟ/ ସଭ୍ୟା ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ଶେଷରେ ପୂର୍ବମଣ୍ଡଳ ଉପକୁଳପତି ଶ୍ରୀଯୁକ୍ତ କିଶୋରଚ୍ଚନ୍ଦ୍ର ଦୁବେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

## ସିନାପାଲି ଅବକାରୀ ବିଭାଗ ଦ୍ୱାରା ବୋଡ଼େନ ରେ ନକଲି ବିଦେଶୀ ମଦ କାରଖାନା ଠାବ

## ୬୩ .୪୧୦ ଲିଟର ନକଲି ବିଦେଶୀ ମଦ ଜବତ, ୪ ଗିରଫ ଓ କୋର୍ଟ ଚାଲାଣ

ନୂଆପଡ଼ା ,(ପି.ଏନ): ନୂଆପଡା ଜିଲ୍ଲା ବୋଡ଼େନ ରେ ସିନାପାଲି ଅବକାରୀ ବିଭାଗ ଚଢ଼ଉ କରି ନକଲି ବିଦେଶୀ ମଦ କାରଖାନା ଠାବକରି ସେଠାରୁ ବିପୁଳ ପରିମାଣରେ ନକଲି ବିଦେଶୀ ମଦ ଜବତ କରାଯାଇଛି । ବେଆଇନ ମଦ ତିଆରି ଅଭିଯୋଗ ରେ ଲାଲ ବାବୁସିଂ (୪୦),ପଙ୍କଜ କୁମାର (୩୨),ଶ୍ରୀକାନ୍ତ ସା (୩୦),କ୍ଷୀରସିନ୍ଧୁ ମାଝୀ (୩୦) କୁ ଗିରଫ କରି କୋର୍ଟ ଚାଲଣ କରିଛନ୍ତି କ୍ଷ ସୂଚନାନୁସାରେ ଗତ କିଛି ମାସ ହେବ ବୋଡ଼େନରେ ନକଲି ବିଦେଶୀ ମଦ ତିଆରି କାରଖାନା ଚାଲିଥିଲା ସେଠି ନକଲି ମଦ ପ୍ରସ୍ତୁତ କରି ଆଖ ପାଖ ଅଞ୍ଚଳକୁ ଚୋରା ଚାଲାଣ କରିବା ସହ ବିକ୍ରି କରାଯାଉଥିଲା କ୍ଷ ଏନେଇ ସିନାପାଲି ଅବକାରୀ ଥାନା କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା କ୍ଷ ନୂଆପଡା ଅବକାରୀ ଏସପି ସଂଘମିତ୍ରା ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ସିନାପାଲି ଅବକାରୀ ଥାନା ଅଧିକାରୀ ସିଦ୍ଧାନ୍ତ ପାତ୍ର ଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ବୋଡ଼େନ ରେ ଚଢ଼ାଉ କରିଥିଲେ କ୍ଷ ସେଠି ୬୩ . ୪୧ ଲିଟର ନକଲି ବିଦେଶୀ ମଦ, ୨୫୦ ଟି ବୋତଲ ଠିପି,୩୨୦ ଇଏଲଏଲ. ୪୮ ଟି ଖାଲି ବୋତଲ ସହ ୨ଟି ବାଇକ ୨ଟି ମୋବାଇଲ ଜବତ କରିଥିଲେ କ୍ଷ ବେଆଇନ ମଦ ତିଆରି ଅଭିଯୋଗ ରେ ଲାଲ ବାବୁସିଂ ବିହାର , ପଙ୍କଜ କୁମାର ଝାରଖଣ୍ଡ,ଶ୍ରୀକାନ୍ତ ସା ଝାରଖଣ୍ଡ ଓ କ୍ଷୀରସିନ୍ଧୁ ମାଝୀ ବୋଡ଼େନ କୁ ଗିରଫ କରିଥିଲେ କ୍ଷ ସେମାନେ ବୋଡ଼େନ ଅଞ୍ଚଳରେ ରହି ନକଲି ମଦ ତିଆରି କରି ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିଲେ । ଆଜି ସମସ୍ତ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତ କୁ ପଠାଇ ଦିଆ ଯାଇଥିଲା କ୍ଷ ଅବକାରୀ ବିଭାଗର ଏହି ବଡ଼ ଧାରଣର ଚଡାଉରେ ସିନାପାଲି ଅବକାରୀ ଥାନା ଅଧିକାରୀ ସିଦ୍ଧାନ୍ତ ପାତ୍ର ଙ୍କ ନେତୃତ୍ୱ ରେ ଏଏସଆଇ ସୁନା ମାଝି , କନେଷ୍ଟବଳ ମଳୟ ମହାଲିଙ୍ଗ, ରିତାଞ୍ଜଳି ଶବର , ଦେବସିଂ ମାଝି ସାମିଲ ଥିଲେ ।

## ଏସଆରଏମଆଇଏସଟିରେ ୫ ବର୍ଷିଆ ସମନ୍ୱିତ ମାଷ୍ଟର ଅଫ୍ ପବ୍ଲିକ୍ ହେଲଥ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଚେନ୍ନାଇର ଏସ୍ଆରଏମ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏସଆରଏମଆଇଏସଟି)ର ସ୍କୁଲ ଅଫ୍ ପବ୍ଲିକ୍ ହେଲଥ ପକ୍ଷରୁ ନିକଟରେ ଏକ ଅଭିନବ ପାଂଚ ବର୍ଷିଆ ସମନ୍ୱିତ ମାଷ୍ଟର ଅଫ୍ ପବ୍ଲିକ୍ ହେଲଥ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହା ପରବର୍ତୀ ପିଢ଼ିର ଜନସ୍ୱାସ୍ଥ୍ୟ ନେତାଙ୍କୁ ପୋଷଣ କରିବା ପାଇଁ ଡିଜାଇନ୍ କରାଯାଇଛି ଯାହା ସେମାନଙ୍କୁ ଜଟିଳ ବୈଶ୍ୱିକ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା କରିବାକୁ ସଶକ୍ତ କରିବ ।ସର୍ବନିମ୍ନ ୬୦% ମାର୍କ ରଖି ଯୁକ୍ତ ୨ ପରୀକ୍ଷା ପାସ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଉନ୍ମୁକ୍ତ ରହିଛି । ଏହି କାର୍ଯ୍ୟକ୍ରମରେ ଏକ ଦୃଢ଼ ପାଠ୍ୟକ୍ରମ ରହିଛି ଯାହା ବିଶ୍ୱସ୍ତରୀୟ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ସମନ୍ୱିତ କରିଛି ଏବଂ ମହାମାରୀ ବିଜ୍ଞାନ, ଜୈବ ପରିସଂଖ୍ୟାନ, ସ୍ୱାସ୍ଥ୍ୟ ପ୍ରଣାଳୀ ଏବଂ ନୀତି, ସ୍ୱାସ୍ଥ୍ୟ ପ୍ରକଳ୍ପ ପରିଚାଳନା ଏବଂ ସ୍ୱାସ୍ଥ୍ୟ ଗବେଷଣାକୁ ଅନ୍ତର୍ଭୁକ୍ତ କରିଛି ତଥା ଗବେଷଣା, ଡାଟା ବିଶ୍ଳେଷଣ ଏବଂ କାର୍ଯ୍ୟକ୍ରମ ମୂଲ୍ୟାଙ୍କନ ଉପରେ ହସ୍ତଗତ ଅଭିଜ୍ଞତା ପ୍ରଦାନ କରିବ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗବେଷଣା ସଂଗଠନ, ସିଏସଆର ପଦକ୍ଷେପ, ପରାମର୍ଶଦାତା ସଂସ୍ଥା, ଆଇଟି କମ୍ପାନି, ସ୍ୱାସ୍ଥ୍ୟ ବୀମା କମ୍ପାନି, ଫାର୍ମା ଓ କ୍ଲିନିକାଲ ଗବେଷଣା ସଂଗଠନ, ସରକାରୀ ସ୍ୱାସ୍ଥ୍ୟ ବିଭାଗ ଏବଂ ଏକାଡେମି ଆଦିରେ ବିଭିନ୍ନ କ୍ୟାରିୟର କରିବା ପାଇଁ ସ୍ନାତକମାନେ ଭଲ ସ୍ଥିତିରେ ରହିବେ । ସେମାନେ ପ୍ରୋଗ୍ରାମ ଅଫିସର, ରିସର୍ଚ୍ଚ ଅଫିସର, ପ୍ରୋଜେକ୍ଟ ମ୍ୟାନେଜର ଭଳି ଭୂମିକା ଗ୍ରହଣ କରିପାରିବେ କିମ୍ବା ଡକ୍ଟରେଟ ଅଧ୍ୟୟନ କରିପାରିବେ ।ଅଭିନବ ଶିକ୍ଷା, ଅଭିଜ୍ଞ ଅଧ୍ୟାପକ ଏବଂ ଅତ୍ୟାଧୁନିକ ସୁବିଧା ପାଇଁ ଏସଆରଏମଆଇଏସଟିର ପ୍ରତିବଦ୍ଧତା ଏହାକୁ ବାସ୍ତବ ଦୁନିଆର ପ୍ରଭାବ ପକାଇବାକୁ ଆଗ୍ରହୀ ଆଶାୟୀ ଜନସ୍ୱାସ୍ଥ୍ୟ ପେସାଦାରମାନଙ୍କ ପାଇଁ ଏକ ଆଦର୍ଶ ଗ’ବ୍ୟସ୍ଥଳ ରେ ପରିଣତ କରିଛି । ଆବେଦନ କରିବାକୁ ଙ୍ଗଙ୍ଗଙ୍ଗ.ଷ୍ବକ୍ଷଜ୍ଞସଷ୍ୱଷ୍ପ.ରୟଙ୍କ.ସଭ ପରିଦର୍ଶନ କରନ୍ତୁ ।

# ରାଇରଙ୍ଗପୁରରେ ୧୯୮୬ ମସିହା ମାଟ୍ରିକ ବ୍ୟାଚର ବାଳକ ଓ ବାଳିକା ବିଦ୍ୟାଳୟର ବଂଧୁ ମିଳନ



ରାଇରଙ୍ଗପୁର,(ପି.ଏନ): ରାଇରଙ୍ଗପୁର ସହରର ଇତିହାସ ଅନେକ ।ଏହି ମାଟିରେ ସାନ୍ତାଳି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ ଙ୍କ ଜନ୍ମ,ଏହି ମାଟିରେ ଭଂଜ୍ଜୀର ଓଡ଼ିଶାର ମହାନ ଆଦିବାସୀ ନେତା ଭଂଜ୍ଜୀର ସୁନା ରାମ ସୋରେନ ଙ୍କ ଜନ୍ମ, ଏହି ମାଟିରେ ଭାରତର ସୁଯୋଗ୍ୟ କନ୍ୟା ତଥା ମହାମହିମ ରାଷ୍ଟ୍ରପତିଦ୍ରୌପଦୀ ମୁର୍ମୁଙ୍କ ଜନ୍ମ ,ଏହି ମାଟିରେ ଗୀତି କବି ଜୀତେନ୍ଦ୍ର ପଟ୍ଟନାୟକ ଙ୍କ ଜନ୍ମ,ଏହି ମାଟିରେ ଝୁମର ସମ୍ରାଟ ତଥା ସାରଳା ପୁରସ୍କାର ପ୍ରାପ୍ତ ଗିରିଶ ଚନ୍ଦ୍ର ମହାନ୍ତଙ୍କ ଜନ୍ମ ।ଏହି ମାଟି ପାଣି,ପବନ,ଆହାର ଖାଇ ବହୁ ବ୍ୟକ୍ତି ରାଜ୍ୟ,ଦେଶ ଓ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି ।ଏହି ମାଟିରେ ୧୯୮୬ ମସିହା ମାଟ୍ରିକ୍ ବ୍ୟାଚର ପିଲାବେଳର ପିସିଏମ ସ୍କୁଲରୁ ହାଇସ୍କୁଲର ସାଙ୍ଗ ସାଥୀ ସମୂହ ରାଇରଙ୍ଗପୁରସ୍ଥ ଶୀତ ତାପନିୟନ୍ତ୍ରିତ ଏକ ପ୍ରସିଦ୍ଧ ହିନ୍ଦୁସ୍ଥାନ ଇନ୍ ହୋଟେଲରେ ତୃତୀୟ ବାର୍ଷିକ ବଂଧୁମିଳନ ସାଥୀ ବିକାଶ ଭୁତଙ୍କ ବଳିଷ୍ଠ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି ।ସମାଜରେ ବିଭିନ୍ନ କ୍ଷେତ୍ରରେ ବୃତ୍ତିରେ ଥିବା ଡ଼ାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଶାସନିକ ଅଧିକାରୀ,କ୍ରିଡାବିତ୍, ଶିକ୍ଷିତ୍, ଉଦ୍ୟୋଗପତି, ସମାଜସେବୀ, ପ୍ରଫେସର,ଅଧ୍ୟାପକ,ଠିକାଦାର, ବିଭିନ୍ନ ବାଣିଜ୍ୟ କ୍ଷେତ୍ରରେ ଥିବା ସାଥୀମାନେ ସୁଦୂର ଅଷ୍ଟ୍ରେଲିଆର ସିଡନୀ, ଦିଲ୍ଲୀ, ପୁନେ, ହାଇଦ୍ରାବାଦ,ଚେନ୍ନାଇ,ବାଙ୍ଗାଲୋର, କୋଲକାତା ରାଉରକେଲା, ଭଦ୍ରକ,ବାଲେଶ୍ୱର, କଟକ, ଭୁବନେଶ୍ୱର, ପୁରୀ, ଠାକୁରମୁଣ୍ଡା,ବାରିପଦା, ମାଲକାନଗିରି,ବଡ଼ସାହି,ଉଦଳା,ପାଣିକୋଇଲି ପ୍ରମୁଖ ୪୮ ବର୍ଷ ପରେ ନିଜର ପିଲାଦିନର ସାଙ୍ଗଗୁଲ, ଡୁଡୁ, ପଢ଼ା,ଖେଳର ସାଙ୍ଗମାନଙ୍କୁ ଭେଟିବା ପାଇଁ ଛୁଟି ଆସିଥିଲେ । ମୟୂରଭଞ୍ଜ ପ୍ରସିଦ୍ଧ ହୋଟେଲ ହିନ୍ଦୁସ୍ଥାନ ଇନନରେ ପହଞ୍ଚି ପରସ୍ପରକୁ ଦେଖି ବିଭୋର ହୋଇ ଆଲିଙ୍ଗନ କରିବା ଖୁସିରେ ଲୁହ ଝରାଇ ଆତ୍ମହରା ହୋଇ ପଡ଼ିଥିଲେ ।ସାଙ୍ଗ ହିଁ ସାଙ୍ଗ ।କେହି କାହାକୁ ଛାଡ଼ିବାକୁ ନାରାଜ ।ପିଲାଦିନର ଅଭୁଲା ସ୍ମୃତିକୁ ମନେ ପକାଇ ନିଜକୁ ସମ୍ଭାଳି ପାରି ନ ଥିଲେ ।ପରସ୍ପର ସହ ଭାବ ବିନିମୟ ହୋଇଥିଲେ ଦିନ ତମାମ ମସ୍ତିରେ ଖାନା,ପିନା, ନାଚ,ଗୀତ, କୌତୁକିଆ କଥା, ଅଭିନୟ ରେ ନିଜକୁ ସଜାଇଥିଲେ ।କଥାରେ କହନ୍ତି ଯେତେବେଳେ ମଣିଷ ଅତି ଦୁଃଖର ଥାଏ ସେତେବେଳେ ଯଦି ସେ ସାଙ୍ଗ ପାଖରେ କହେ ସେ ହାଲୁକା ହୋଇଯାଏ । ସମସ୍ତେ କୁହାକୁହି ହୋଇଥିଲେ ହେ ଦୋସତି ହମ୍ କଭି ନହିଁ ଛୋଡେଙ୍ଗେ । ସମୟ ବଡ଼ ବଳବାନ ।ସମୟ ହିଁ ଦିର୍ଘ ୪୮ ବର୍ଷ ପରେ ସମସ୍ତଙ୍କୁ ଏକାଠି କରିଛି ।ସାଙ୍ଗ ପାଖରେ ଜାତି,ଧର୍ମ,ଲିଙ୍ଗ ଗତ ପାର୍ଥକ୍ୟ କିଛି ନାହିଁ । ପିଲା ବେଳର ସାଙ୍ଗର ଗୁଲୁରୁ ଗୁଲୁରୁ କଥା ସମସ୍ତଙ୍କୁ ସବୁବେଳେ ମନେ ପକାଇ ଥାଏ । ସମସ୍ତେ ଶପଥ କରିଥିଲେ ସାଙ୍ଗ ମଧ୍ୟରେ ଯାହାର ଯେତେବଡ ସମସ୍ୟା ଥାଉ ସମସ୍ତେ ଏକାଠି ତା’ର ଦୁଃଖ ସମୟରେ ଠିଆହୋଇ ସମବେଦନା, ମନୋବଳ, ଆର୍ଥିକ ସହାୟତା,ସହଯୋଗ କରିବା ।ଆଗକୁ ବୃକ୍ଷରୋପଣ, ରକ୍ତଦାନ,ଅସହାୟକୁ କମ୍ବଳ ବଣ୍ଟନ, ପୂଜ୍ୟପୂଜା ଙ୍କୁ ସମ୍ବର୍ଦ୍ଧନା ଦେବା , ସାମାଜିକ ଜନ କଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଫେବୃଆରୀ ୨୦

# ଇ-ପର୍ସନାଲିଟି : କେମିତି ବଦଳୁଛି ବ୍ୟକ୍ତିତ୍ୱ


ବିପିନ ବିହାରୀ ରାଉତ

ଦିନକୁ ଦିନ ସାମାଜିକ ଗଣମାଧ୍ୟମର ବ୍ୟବହାର ବୃଦ୍ଧି ପାଉଛି । ଏହି କ୍ରମରେ ଏବେ ଲୋକଙ୍କ ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଆସୁଥିବା ଦେଖିବାକୁ ମିଳୁଛି । ଅର୍ଥାତ୍ ସୋସିଆଲ ମିଡ଼ିଆରେ ଲୋକଙ୍କ ବ୍ୟକ୍ତିତ୍ୱ ଗୋଟିଏ ପ୍ରକାର ଥିବାବେଳେ ବାସ୍ତବ ଜୀବନରେ ସେମାନେ ଆଉ ଏକ ପ୍ରକାରର ନଜର ଆସନ୍ତି । ସିଧା ତଥା ସରଳ ଭାଷାରେ କହିଲେ ସେମାନଙ୍କର ଇ-ପର୍ସନାଲିଟି ସେମାନଙ୍କୁ ବାସ୍ତବ ଜୀବନରୁ ଦୂରେଇ ନେଉଛି ।

ଏକ ସଙ୍ଗରେ ଦୁଇ ପ୍ରକାର ଜୀବନ : ଏମିତି ବି ଦେଖିବାକୁ ମିଳୁଛି ଯେ କେତେକଙ୍କର ସାମାଜିକ ଗଣମାଧ୍ୟମରେ ଅନୁଗାମୀଙ୍କ ସଂଖ୍ୟା ଅଧିକ ଥିବାବେଳେ ବାସ୍ତବ ଜୀବନରେ ସେମାନଙ୍କର କେହି ଭଲ ସାଙ୍ଗ ମଧ୍ୟ ନଥାନ୍ତି । ଯଦିଓ ସେମାନେ ନିଜ ଖୁସିକୁ ସୋସିଆଲ ମିଡ଼ିଆରେ ଜାହିର କରିଥାନ୍ତି, ତଥାପି ଦୁଃଖ ବାଣ୍ଟିବା ଲାଗି ସେମାନଙ୍କ ପାଖରେ କେହି ନଥାନ୍ତି । ଏଭଳି ଲୋକ ଏକ ସଙ୍ଗରେ ଦୁଇ ପ୍ରକାର ଜୀବନ ଜିଅନ୍ତି । ଗୋଟିଏ ସେମାନଙ୍କର ଅସଲ ବ୍ୟକ୍ତିତ୍ୱ ହୋଇଥିବାବେଳେ ଅନ୍ୟଟି ଇ-ପର୍ସନାଲିଟି ।

ଅସଲ ବ୍ୟକ୍ତିତ୍ୱ ଠାରୁ ଭିନ୍ନ : ଅନଲାଇନ ରହିବା ସମୟରେ ଲୋକଙ୍କର ଏଭଳି ବ୍ୟକ୍ତିତ୍ୱ ଦେଖିବାକୁ ମିଳିଥାଏ । ଯାହାକି ବାସ୍ତବ ଜୀବନ ଠାରୁ ଭିନ୍ନ । ସେହି ସମୟରେ ଜଣେ ବହୁତ କିଛି ଅନୁଭବ କରେ । ସେଥିପାଇଁ ଜାଣିପାରି ନଥାନ୍ତି ହଠାତ୍ କେମିତି ବ୍ୟବହାର କରାଯିବା ଦରକାର । ଏଭଳି ଲୋକମାନେ ସାମାଜିକ ଗଣମାଧ୍ୟମରେ ସତତ ଚେଷ୍ଟା କରନ୍ତି ସବୁ ପରିସ୍ଥିତିରେ ଖୁସି ତଥା ସବୁ କରିବାକୁ ସମର୍ଥ ଥିବା ଦେଖାଇବାକୁ ।

କଣ୍ଟେଣ୍ଟ ତିଆରିରେ ବ୍ୟସ୍ତ : ଇ-ପର୍ସନାଲିଟି ଲୋକମାନେ ସବୁବେଳେ ସୋସିଆଲ ମିଡ଼ିଆରେ କଣ୍ଟେଣ୍ଟ ତିଆରି କରିବାରେ ଲାଗିଥାନ୍ତି । ଅର୍ଥାତ କୌଣସି ସ୍ଥାନ ବୁଲିବା କିମ୍ବା ରେଷ୍ଟୋରାଁରେ ଖାଇବା ପୂର୍ବରୁ ସେ ସବୁର ଫଟୋ ତଥା ଭିଡ଼ିଓ ପ୍ରଥମେ ସେୟାର କରିବାକୁ ଆଗ୍ରହ ପ୍ରକାଶ କରନ୍ତି ।

ଅସଲ ଜୀବନ ସହ ତାରତମ୍ୟ ରହୁ : ବିଶେଷକରି ଡିଜିଟାଲ ଦୁନିଆ କରୋନା କାଳରେ ମହିଳାଙ୍କୁ ଆଗକୁ ନେବାରେ ସାହାଯ୍ୟ କରିଛି । ଅନ୍ୟପଟେ ସୋସିଆଲ ମିଡ଼ିଆ ବହୁ ଲୋକଙ୍କୁ ରୋଜଗାରକ୍ଷମ କରାଉଛି । ସେମାନଙ୍କ ଜୀବନ ବଦଳାଇବା ସହ ରାତାରାତି ଷ୍ଟାର ମଧ୍ୟ ପାଲଟୁଛନ୍ତି । ତେବେ ଇ-ପର୍ସନାଲିଟି ବା ଇ-ବ୍ୟକ୍ତିତ୍ୱ ଯେଭଳି ଅସଲ ବ୍ୟକ୍ତିତ୍ୱ ଉପରେ ଭାରି ନ ପଡ଼ିବ, ସେଥିରେ ତାରତମ୍ୟ ରହିବା ଦରକାର ।

*ଶ୍ରୀବିହାର କଲୋନୀ, ତୁଳସୀପୁର*

# ଫ୍ଲୋର ଲେଙ୍ଗଥ ସ୍ଲିଭ୍ ଫ୍ୟାଶନ


ଅପର୍ଣ୍ଣା ନାୟକ

ଆଜିକାଲି କାହାକୁ ବା ଟ୍ରେଣ୍ଡି ଆଉ ଫ୍ୟାଶନେବଲ ଦେଖାଯିବାକୁ ଇଚ୍ଛା ନୁହେଁ । ଖାସ କରି ପ୍ରତି ଅକେଜନରେ ନିଜ ଲୁକ କେମିତି ଆଟ୍ରାକ୍ଟିଭ ଲାଗିବ, ସେ ନେଇ ଯୁବତୀମାନେ ବେଶ ସଚେତନ ରହିଥାନ୍ତି । ଏପରିକି ସେମାନେ ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡକୁ ଆପଣେଇବାକୁ ମଧ୍ୟ ପଛଘୁଞ୍ଚା ଦିଅନ୍ତି ନାହିଁ । ତେଣୁ ସେହି ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନ ଫ୍ଲୋର ଲେଙ୍ଗଥ ସ୍ଲିଭ ଆଉଟଫିଟ ହଟେଷ୍ଟ ଟ୍ରେଣ୍ଡରେ ରହିଛି, ଯାହାକୁ ପିନ୍ଧି ଯୁବତୀମାନେ ଷ୍ଟାଇଲିଶ ଲୁକ ପାଇପାରିବେ ।

ପ୍ରିଣ୍ଟେଡ ଫ୍ଲୋର ଲେଙ୍ଗଥ ସ୍ଲିଭ ଅନାରକଲି : ଅନାରକଲି ଡ୍ରେସ ବି ଯୁବତୀଙ୍କୁ ଗର୍ଜିୟସ ଲୁକ ଦେଇଥାଏ । ଆଉ ଯଦି ଏହି ଡ୍ରେସର ସ୍ଲିଭ ଫ୍ଲୋର ଲେଙ୍ଗଥ ହେବା ସହ ଏଥିରେ ପ୍ରିଣ୍ଟେଡ ଡିଜାଇନ ହୋଇଥାଏ, ତାହେଲେ ତ ଏହାର ଆକର୍ଷଣ ଆହୁରି ବଢ଼ିଯାଏ । ଏହି ଡ୍ରେସକୁ ଖାସ କରି ପାର୍ଟି, ଫଙ୍କସନରେ ପିନ୍ଧିଲେ ଲୁକ ବେଶ ଆକର୍ଷଣୀୟ ଲାଗିଥାଏ ।

ଫ୍ଲୋର ଲେଙ୍ଗଥ ସ୍ଲିଭ ଅନାରକଲି ଚୁଡ଼ିଦାର ସୁଟ : ଅନାରକଲି ଡିଜାଇନର ଚୁଡ଼ିଦାର ସୁଟ ବି ଯୁବତୀଙ୍କୁ ଆକର୍ଷଣୀୟ ଲୁକ ଦେଇଥାଏ । ଆଜିକାଲି ଏହାର ଅନେକ ସୁନ୍ଦର ସୁନ୍ଦର ଡିଜାଇନ ବି ମିଳିଲାଣି । ତେବେ ଫ୍ଲୋର ଲେଙ୍ଗଥ ସ୍ଲିଭ ଡିଜାଇନର ଅନାରକଲି ଚୁଡ଼ିଦାର ସୁଟ ଏବେ ଲାଟେଷ୍ଟ ଟ୍ରେଣ୍ଡରେ ରହିଛି । ଏହା ସୁନ୍ଦର ଦେଖାଯିବା ସହ ପିନ୍ଧିବାକୁ କମ୍ଫଟେବଲ ହେଉଥିବାରୁ ଏହାର ଚାହିଦା ମଧ୍ୟ ଭଲ ରହୁଥିବା ଦେଖିବାକୁ ମିଳୁଛି ।

ଫ୍ଲୋର ଲେଙ୍ଗଥ ନେଟ ସ୍ଲିଭ : ଡୁପିଅନ ସିଲ୍କ କପଡ଼ାରେ ତିଆରି ଲେହେଙ୍ଗାରେ ନେଟ ଡିଜାଇନର ଫ୍ଲୋର ଲେଙ୍ଗଥ ସ୍ଲିଭ ପରଫେକ୍ଟ ମ୍ୟାଚ କରିବା ସହ ଲେହେଙ୍ଗାର ଲୁକକୁ ବି ଅଧିକ ଆକର୍ଷଣୀୟ କରିଦେଇଥାଏ । ଯଦି ବାହାଘର କିମ୍ବା ଏନଗେଜମେଣ୍ଟ ସେରିମୋନିରେ ଶାଢ଼ି ବଦଳରେ ଲେହେଙ୍ଗା ଟ୍ରାଏ କରିବାକୁ ଚାହୁଁଥାନ୍ତି, ତାହେଲେ ଏହି ଡିଜାଇନର ଲେହେଙ୍ଗା ପିନ୍ଧି ବି ଯୁବତୀମାନେ ଗର୍ଜିୟସ ଲୁକ ପାଇପାରିବେ ।

ଫ୍ଲୋର ଲେଙ୍ଗଥ ଟାସେଲ ସ୍ଲିଭ ଲେହେଙ୍ଗା : ଟାସେଲ ଡିଜାଇନ ହୋଇଥିବା ଏହି ଫ୍ଲୋର ଲେଙ୍ଗଥ ସ୍ଲିଭ ବାଲା ଲେହେଙ୍ଗା ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ ପିନ୍ଧିଲେ ସେମିତି ଗର୍ଜିୟସ ଲୁକ ଦେଇଥାଏ । ଏହାକୁ ନିର୍ବନ୍ଧ, ବାହାଘର ଆଦି ଫଙ୍କସନରେ ପିନ୍ଧିଲେ ଲୁକ ଅଧିକ ଆଟ୍ରାକ୍ଟିଭ ଲାଗିଥାଏ । ଆଉ ଯଦି ଏହି ଲେହେଙ୍ଗା ଓ ଏହାର ଫ୍ଲୋର ଲେଙ୍ଗଥ ସ୍ଲିଭରେ ପର୍ଲ ଅବ ବିଡ଼ସର କିଛି କାମ ହୋଇଥାଏ, ତାହେଲେ ତ ଲେହେଙ୍ଗାର ଡିଜାଇନ ଆହୁରି ସୁନ୍ଦର ଦେଖାଯାଇଥାଏ ।

ଗୋଲ୍ଡ ଫ୍ଲୋରାଲ ଏମ୍ବ୍ରୋଏଡୋରି ଫ୍ଲୋର ଲେଙ୍ଗଥ ସ୍ଲିଭ ଲେହେଙ୍ଗା : ସୁନେଲି ରଙ୍ଗର ସୂତାରେ ଫୁଲ ଡିଜାଇନର ଏମ୍ବ୍ରୋଏଡୋରି କାମ ହୋଇଥିବା ଲେହେଙ୍ଗା ବି ଆକର୍ଷଣୀୟ ଦେଖାଯାଇଥାଏ । ଆଉ ଯଦି ଏହି ଲେହେଙ୍ଗାରେ ଫ୍ଲୋର ଲେଙ୍ଗଥ ସ୍ଲିଭ ରହିଥାଏ, ତାହେଲେ ତ ଏହାର ଆକର୍ଷଣ ଆହୁରି ବଢ଼ିଥାଏ । ଖାସ କରି ଏହି ଡିଜାଇନ ହୋଇଥିବା ପେଷ୍ଟଲ ପିଙ୍କ କଲରର ଲେହେଙ୍ଗା ଯୁବତୀଙ୍କୁ ଗର୍ଜିୟସ ଲୁକ ଦେଇଥାଏ ।

ଟ୍ୟୁବ ବ୍ଲାଉଜ ଉଇଥ ଫ୍ଲୋର ଲେଙ୍ଗଥ ସ୍ଲିଭ ଲେହେଙ୍ଗା : ଲେହେଙ୍ଗା ତ ସବୁବେଳେ ଯୁବତୀଙ୍କୁ ଆକର୍ଷଣୀୟ ଲୁକ ଦେଇଥାଏ । ତେବେ ଆଜିକାଲି ଏମିତି କିଛି ଲେହେଙ୍ଗା ବି ଆସିଲାଣି, ଯାହାର ବ୍ଲାଉଜ ଟ୍ୟୁବ ଡିଜାଇନର ହେବା ସହ ଏଥିରେ ଫ୍ଲୋର ଲେଙ୍ଗଥ ସ୍ଲିଭ ବି ଲାଗିକି ରହୁଛି । ପାର୍ଟି, ଫଙ୍କସନରେ ଆଲଟ୍ରାମଡ଼ର୍ନ ଲୁକ ଚାହୁଁଥିବା ଯୁବତୀମାନଙ୍କ ପାଇଁ ଏହି ଟାଇପର ଲେହେଙ୍ଗା ପରଫେକ୍ଟ ହୋଇପାରିବ ।

ତେବେ କେବଳ ଏତିକି ନୁହେଁ ଫ୍ଲୋର ଲେଙ୍ଗଥ ସ୍ଲିଭ ଡିଜାଇନର ଆହୁରି ଅନେକ ସୁନ୍ଦର ସୁନ୍ଦର ଲେହେଙ୍ଗା ହେଉ ଅବା ଅନାରକଲି ତଥା ଚୁଡ଼ିଦାର ସୁଟ ବି ମାର୍କେଟରେ ମିଳିଲାଣି । କିନ୍ତୁ ଏସବୁକୁ କିଣିବା ପୂର୍ବରୁ ନିଜ ଲୁକକୁ ଏହା କେତେ ଦୂର ମ୍ୟାଚ କରୁଛି ତାହାକୁ ଭଲରେ ପରଖି ସାରିବା ପରେ ଯାଇ ଏହି ଡିଜାଇନର ଡ୍ରେସ କିଣିବା ଦରକାର ।

*ମେନ ସାଗର ପାନ ରୋଡ଼, ନଂ-୩,*
*ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର,*
*ନୂଆଦିଲ୍ଲୀ, ପିନ-୧୧୦୦୪୬*

# ନୀତି, ଭକ୍ତି ଓ ଅଧ୍ୟବସାୟର ସାକାର ପ୍ରତୀମା

ଆସିଥିଲେ ଯିବାକୁ ହୁଏ । ଆବାହମାନ କାଳରୁ ଏହା ଘଟି ଆସିଛି ଏବେ ମଧ୍ୟ ଘଟୁଛି, ଘଟୁଥିବ । ସଂସାରରେ ପ୍ରବେଶ ଓ ପ୍ରସ୍ଥାନ କରିବା ଭିତରେ ମଣିଷର କର୍ମ ହିଁ ତାର ଜୀବନକୁ ସାର୍ଥକ ଜୀବନରେ ପରିଣତ କରିଥାଏ । ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ସାର୍ଥକ ଜୀବନ ହାସଲ କରିବାକୁ ପ୍ରୟାସ କରିବା ଉଚିତ । କେତେକ ଭକ୍ତି ମାର୍ଗରେ ଅଗ୍ରସର, ହୁଅନ୍ତି ଆଉ କେତେକ ଜ୍ଞାନମାର୍ଗରେ, ଅନ୍ୟ କେତେକ କର୍ମ ମାର୍ଗରେ । ଯିଏ ଯେଉଁ ମାର୍ଗରେ ଥିଲେ ବି ତାଙ୍କୁ କର୍ମ, ଭକ୍ତି ଓ ଜ୍ଞାନ ତିନଟି ଯାକ ପଥ ଅବଲମ୍ବନ କରିବାକୁ ପଡ଼ିଥାଏ । କୌଣସିଟି ଅନ୍ୟ ଦୁଇ ପଥ ଠାରୁ ସଂପୂର୍ଣ୍ଣ ଭିନ୍ନ ହୋଇପାରିନଥାଏ । ଏହି ମାତ୍ର ଆମ୍ଭ ମାନଙ୍କୁ ଶୋକାକୁଳ କରି, ପରିବାର ସଦସ୍ୟଙ୍କୁ ବଜ୍ରାଘାତ ଦେଇ, ନିଜ ସହକର୍ମୀ ମାନଙ୍କୁ ଆଶ୍ଚର୍ଯ୍ୟଚକିତ କରି ଆରପାରିକୁ ଚାଲିଯାଇଥିବା କୁମୁଦ ଚନ୍ଦ୍ର ପଟ୍ଟନାୟକ ଉପରୋକ୍ତ ମାର୍ଗ ତ୍ରୟକୁ ଜୀବନରେ ଅବଲମ୍ବନ କରି ବହୁଳ ଭାବେ ସୁନାମ ଅର୍ଜନ କରିଯାଇଛନ୍ତି ।

ତ୍ୟାଗପୂତ ଓ ଦେଶପ୍ରେମୀ ୰କାଶୀନାଥ ପଟ୍ଟନାୟକ ଓ ମାତା ୰ଶକୁନ୍ତଳା ପଟ୍ଟନାୟକଙ୍କ କୋଳମଣ୍ଡନ କରି ଗଞ୍ଜାମ ଜିଲ୍ଲାର ଖୁକୁନ୍ଦିଆ ନୂଆଗଡ଼ ଗ୍ରାମରେ ଜନ୍ମଲାଭ କରିଥିବା ସୁପୁତ୍ର କୁମୁଦ ଚନ୍ଦ୍ର ପିତାଙ୍କ ସଦୃଶ ଏକ ସଂଗ୍ରାମୀ କେବଳ ନଥିଲେ ବିଜୟୀ ମଧ୍ୟ ହୋଇଥିଲେ । ପିତା ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଏକାଧିକ ବାର କାରାବାସ କରିଥିଲେ ଯାହା ପ୍ରଭାବରେ ପୁତ୍ର ମଧ୍ୟ ଜନସେବା ଦିଗରେ ପ୍ରଭାବିତ ହୋଇଥିଲେ ବାଲ୍ୟକାଳରୁ । ପିତା ଏକ ସ୍କୁଲର ପ୍ରଧାନ ଶିକ୍ଷକ ଥିବାରୁ ପୁତ୍ରକୁ ମଧ୍ୟ ଏକ ଶୃଙ୍ଖଳିତ ଓ ଅଧ୍ୟବସାୟୀ ଛାତ୍ର ଭାବେ ଗଢ଼ିତୋଳି ଥିଲେ ଯାହାଫଳରେ ପୁତ୍ର କୁମୁଦ ଚନ୍ଦ୍ର ଆସ୍କାରୁ ମାଟ୍ରିକ, କଟକର ଖ୍ରୀଷ୍ଟ ମହାବିଦ୍ୟାଳୟରୁ ପିୟୁ ପାସକରି ଉଚ୍ଚତର ଶିକ୍ଷା ପାଇଁ ଅର୍ଥ ବ୍ୟବସ୍ଥା କରିବା ଲକ୍ଷ୍ୟରେ ଦେବୋତ୍ତର ବିଭାଗରେ ସ୍ୱଳ୍ପ ସମୟ ପାଇଁ ଚାକିରୀ କରିଥିଲେ । ତା ସହିତ ରେଭେନ୍ସା ସାନ୍ଧ୍ୟ ମହାବିଦ୍ୟାଳୟରେ ଅଧ୍ୟୟନ କରି ବି.ଏ. ପାସ କଲେ । ବନ ବିଭାଗରେ କିଛି ଦିନ ମୁକରିର ହୋଇ ନିଜ ପ୍ରଚେଷ୍ଟା ବଳରେ ବିଭିନ୍ନ ବିଭାଗକୁ ଦରଖାସ୍ତ କରୁ କରୁ ଆୟକର ବିଭାଗରେ ଭର୍ତ୍ତି ହେଲେ । ବିଭାଗୀୟ ବିଭିନ୍ନ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଆଇଟିଓ ପଦ


ଇଂ.ସଚ୍ଚିଦାନନ୍ଦ ନନ୍ଦ

ମଣ୍ଡନ କରି ଦୀର୍ଘ ବର୍ଷ କୃତୀତ୍ୱର ସହ ଦାୟିତ୍ୱ ସମ୍ପାଦନ କରି ଉପରିସ୍ଥ କର୍ମକର୍ତ୍ତାଙ୍କର କେବଳ ବିଶ୍ୱାସ ଭାଜନ ହୋଇନଥିଲେ, ବାରମ୍ବାର ପୁରସ୍କୃତ ମଧ୍ୟ ହୋଇଥିଲେ । ଚଳିତ ବର୍ଷ ବିଭାଗର ଅମୃତ ମହୋତ୍ସବରେ ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ । ଏହା ତାଙ୍କ କଠୋର ଅଧ୍ୟବସାୟର ପରିଚୟ ଦିଏ । ଏଥିରେ ତାଙ୍କ ସହଧର୍ମିଣୀଙ୍କ ସକ୍ରିୟ ଭୂମିକା ନିଶ୍ଚିତ ଭାବେ ଉଲ୍ଲେଖଯୋଗ୍ୟ ।

ଜୀବନର ମଧ୍ୟାହ୍ନରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ସଦାଶୟତା ଲାଭ କରି ନିଜକୁ ଆଧ୍ୟାତ୍ମିକ ମାର୍ଗରେ ବୁଡ଼ାଇ ଦେଇଥିଲେ । ସେବାକୁ ପରମ ତପସ୍ୟା ଭାବି ଲୋକହିତକର କର୍ମକୁ କେବେ ବି ହାତଛଡ଼ା କରୁନଥିଲେ । ନିଜ ଗ୍ରାମ ଠାକୁର ମନ୍ଦିରର ଉନ୍ନତିକଳ୍ପେ ଏକ କୂପ ଖନନ ସହ ପକ୍କା ଘର ନିର୍ମାଣ କରି ଗ୍ରାମବାସୀ ମାନଙ୍କ ଆଶୀର୍ବାଦର ପାତ୍ର ହୋଇଥିଲେ । କଟକ ସତୀଚଉରା ବନ୍ଧତଳେ ପଲାମାରି ରହୁଥିବା ଅଭାବୀ ମାନଙ୍କ ପାନୀୟ ଜଳର ସୁବିଧା ପାଇଁ ଏକ ନଳକୂପ ସ୍ଥାପନ କରି, ସପ୍ତାହିକ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ଯୋଗାଣ ତାହା ପୁଣି ବର୍ଷ ବର୍ଷ ଧରି କୁମୁଦ ଚନ୍ଦ୍ରଙ୍କୁ ଏକ ବିଶ୍ୱାଳ ହୃଦୟ ବ୍ୟକ୍ତି ଭାବେ ଚିତ୍ରଣ କରିପାରିଛି । ସାଇ ସଙ୍ଗଠନରେ ମଧ୍ୟ ତାଙ୍କ ଉଦାରତା, ଅକୁଣ୍ଠ ମନବୃତ୍ତି ଭଗବାନ ସତ୍ୟସାଇଙ୍କ ପ୍ରିୟ କରିଥିବ ନିଶ୍ଚୟ । ସଙ୍ଗଠନରେ ସେ ଜଣେ ସାଧାରଣ ସଭ୍ୟ ଠାରୁ ଆରମ୍ଭ କରି ମଣ୍ଡଳ ଆବାହକ, ସମିତି ଆବାହକ ଏବଂ ଜିଲ୍ଲା ସଭାପତି ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ । ଶେଷକୁ ସତ୍ୟସାଇ ସ୍କୁଲର ସଚିବ ଭାବେ ଅବସ୍ଥାପିତ ହୋଇ ସ୍କୁଲର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିଥିଲେ । ସ୍କୁଲର ବାର୍ଷିକ ପତ୍ରିକା ପ୍ରକାଶନ ତଥା ବାର୍ଷିକ ଉତ୍ସବ ପରିଚାଳନାରୁ ତାଙ୍କ ଜ୍ଞାନର ଗାରିମା ସ୍ପଷ୍ଟ ଭାବେ ଉଜ୍ଜ୍ୱଳି ଉଠୁଥିଲା । ସଂକୀର୍ଣ୍ଣତା ତାଙ୍କୁ ଛୁଇଁ ପାରିନଥିଲା । ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେ ସମସ୍ତେ ତାଙ୍କ ସ୍ନେହ ଓ ପ୍ରେମ ଭାବର ପରଶରେ ମୁଗ୍ଧ ହୋଇ ମନର ସନ୍ତୋଷ ଲାଭ କରିଛନ୍ତି । ନୀତିବାନ ଓ ନ୍ୟାୟ ପରାୟଣ ବ୍ୟକ୍ତିମାନେ ମଧ୍ୟ କାହା କାହାର ଆକ୍ରୋଶର ଶିକାର ହେବା ପୁରାଣ ପୃଷ୍ଠାରୁ ଆରମ୍ଭ କରି ଆଜିର ରାଜନୀତିରେ ମଧ୍ୟ ଦେଖାଯାଉଅଛି । ସେଥିରେ ବିବ୍ରତ ନ ହୋଇ ନିଜ କର୍ତ୍ତବ୍ୟ ପଥରେ ଦୃଢ଼ ରହିବା ହିଁ ଶାସ୍ତ୍ର ଗୁଡ଼ିକର ନିର୍ଦ୍ଦେଶ । ଭଗବାନ ଦିଂବଗତ ଆତ୍ମାକୁ ତାଙ୍କ ପଦପ୍ରାନ୍ତରେ ସ୍ଥାନ ଦିଅନ୍ତୁ, ପରିବାରକୁ ଆଶ୍ୱାସନା ଦିଅନ୍ତୁ, ସେ ଅଧା ରଖି ଯାଇଥିବା କର୍ମକୁ ପୂର୍ଣ୍ଣାଙ୍ଗ ରୂପ ଦେବା ସହିତ ତାଙ୍କ ଦିବ୍ୟ ଶୁଭଦୃଷ୍ଟି ଦେଉଥାନ୍ତୁ – ଏତିକି ପ୍ରାର୍ଥନା ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ

ସ୍ୱପ୍ନ ଆମେ ଦେଖୁ । ସ୍ୱପ୍ନ ଦେଖିବା ଆମ ଅଧିକାର । ଯଦିଓ ତାହା ସତ ହୋଇପାରେ ଅବା ନ ହୋଇପାରେ । ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ । ତେବେ ସେମାନେ ଏ ବାବଦରେ ମଧ୍ୟ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ । ତକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧ୍ୟବସାୟ, ସାଧନା ଦରକାର । ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ୍ୟ ଆବଶ୍ୟକ । ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି । କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୁରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ । ଆଉ କେତେକ ତ ଦିବା ସ୍ୱପ୍ନରେ ଚୁର । ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ ।

ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି । ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତ୍ତିର ସ୍ୱପ୍ନ । ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ । ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ । ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଞ୍ଚ ଜଣଙ୍କ ମଧ୍ୟ ଜଣେ ଭାବରେ ଗଣା ହେଉଛନ୍ତି । ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟ ଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ । ହେଲେ ନିଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି । ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ । ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଞ୍ଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା । ଆଉ ଟିକେ ଆଗକୁ ବଢ଼ିପାରିଥାନ୍ତି କି । ଆଉ ଟିକେ ଲମ୍ବା ହୋଇଥାନ୍ତାକି ନିଦ । ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର । ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା ହେଲେ ବିଚଳିତ ହୋଇଯାଉ । ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ । ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଞ୍ଚାଇ ଦିଏ ଦୂର ଦିଗବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ ।

ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ । କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ । ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ । ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ । ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ । ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତତ ଚେଷ୍ଟା କର । ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧ୍ୟବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚି ଭାବେ ସାକାର ହେବ । ଏତେ ସପନକୁ ରାତି କାହିଁ । ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତାହେଲେ ଅଧା ସ୍ୱପ୍ନ ସତ ହୋଇପାରେ ବାକି ଅଧକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ । ତେବେ ଏଥିରେ କାତର ହେବ ଉଚିତ ନୁହେଁ । ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ । କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ମନେହେବ ଅସାର ଓ ଅଳୀକ ।

ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ । ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ । ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ । ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ । ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ । ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢୁ । ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ । ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା । କୁହାଯାଏ ମଧ୍ୟବିତ୍ତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି । ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି । ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି । ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି । କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ ସେଥିପାଇଁ ଚେଷ୍ଟା କରାଯିବ । ସ୍ୱପ୍ନର ଆକର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି -ବ୍ୟକ୍ତି ବିଶେଷରେ । ସ୍ୱପ୍ନ ଦେଖିବାକୁ କାହାକୁ ମନା


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ । ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ । କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟ ମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି । ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତି । ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧ୍ୟରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି । କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖ ।

ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ, ସୁକୋମଳ, ସୁଗଭୀର, ସୁନିଦ୍ରାର ସୁଷୁପ୍ତିରେ ଆଦୌ ଆଖିକୁ ଆବୋରିବସେ ସ୍ୱପ୍ନ । କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ । ଯେତେବେଳେ ସାରା ଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ୍ୟ ତା ଭିତରେ ଉଙ୍କି ମାରେ । ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରିଯାଉ । ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତାତ୍ତ୍ୱିବିତ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି । ସ୍ୱପ୍ନର ପରିଭାଷା କାହା ପାଇଁ କଣ ହୋଇପାରେ । ତେବେ ମହାନ ବୈଜ୍ଞାନିକ ମିଜାଇଲ ମ୍ୟାନ ତଥା ଲୋକଙ୍କ ରାଷ୍ଟ୍ରପତି ଭାବେ ସୁବିଦିତ ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ ପ୍ରେରଣାଦାୟକ । ଡକ୍ଟର କଲାମଙ୍କ ମତରେ ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ । ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ । ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ । ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧ୍ୟମରେ ।

*ସହ ପ୍ରତିରକ୍ଷିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଭାରତୀୟ ସଂସ୍କୃତିରେ ଶିବନାମର ତାତ୍ତ୍ୱିକ ପ୍ରକରଣ

ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ସଚ୍ଚିଦାନନ୍ଦ ପରଂବ୍ରହ୍ମରୂପେ ଗ୍ରହଣ କରାଯାଇଛି । ଶିବ "ଏକ ମଙ୍ଗଳବାଚକ ଶବ୍ଦ" । ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଶୁଭକାମନା ଲକ୍ଷରେ ଶିବଶଙ୍କରଙ୍କ ବ୍ୟବହାର ଦୃଷ୍ଟିଗୋଚର ହୁଏ । ମହାନ୍ ତପସ୍ୱୀ ବିଶ୍ରବା ନନ୍ଦନ ରାବଣ ଶିବଙ୍କର ମହାନ୍ ପରମ ଭକ୍ତ ତଥା ଶିବ ସମ୍ପ୍ରଦାୟର ଜଣେ ଶ୍ରେଷ୍ଠ ଆର୍ଯ୍ୟ । ସେ ଏପରି ଜଣେ ଏକନିଷ୍ଠ ପରମ ଶିବଭକ୍ତ ଥିଲେ ଯେ, ସ୍ୱର୍ଣ୍ଣନିର୍ମିତ ଶିବଲିଙ୍ଗକୁ ନିଜ ସମ୍ମୁଖରେ ରଖି ଗଭୀର ଧ୍ୟାନସ୍ଥ ହେବା ସହ ମନ୍ତ୍ର ପାଠ କରି ଗୋଟି ଗୋଟି କରି ଦଶବାର ମୁଣ୍ଡକାଟି ମୁଣ୍ଡଗଳିତ ରୁଧିରରେ ଶିବାଭିଶେକ କରି ଅମର ହେବାର ବର ଲାଭ କରିଥିଲେ । ତେଣୁ ସେ ଶିବଙ୍କର ଅନନ୍ୟ ଭକ୍ତ ହୋଇଥିଲେ । ଫଳରେ ସମଗ୍ର ଜଗତର ପ୍ରତ୍ୟେକ ବସ୍ତୁ ତାଙ୍କର କରାଗ୍ରତ ହୋଇଥିଲା । ରାବଣକୃତ ଶିବତାଣ୍ଡବ ଶିବଙ୍କର ଏକ ଶ୍ରେଷ୍ଠତମ ସ୍ତୋତ୍ର । ଏହି ଶିବତାଣ୍ଡବ ସ୍ତୋତ୍ର ପାଠ ଦ୍ୱାରା ଶିବ ଅଳ୍ପକେ ସନ୍ତୋଷ ହୋଇଥାନ୍ତି ବୋଲି ବ୍ରାହ୍ମଣ ଓ ଶାସ୍ତ୍ରମତ । ଏହି ଶିବତାଣ୍ଡବ ଏକ ବର୍ଷ ନିତ୍ୟନୈମିତିକ କାୟମନୋବାକ୍ୟରେ ପଠନ କରି ଗଳିତ କୁଷ୍ଟରୋଗରୁ ମୁକ୍ତ ହେବାର ପ୍ରତ୍ୟେକ୍ଷଭୂତ ପ୍ରମାଣ ଅଛି । ଭଗବାନ ଆଦି ଶଙ୍କରାଚାର୍ଯ୍ୟ ସ୍ୱରଚିତ ଆତ୍ମାଷ୍ଟକରେ ଲେଖିଛନ୍ତି –

"ମନୋବୁଦ୍ଧ୍ୟହଂକାର ଚିତ୍ତାନି ନାଶା
ନଚ ଶ୍ରୋତ୍ର ଜିହ୍ୱେ ନ ଚ ଘ୍ରାଣ ନେତ୍ରେ
ନଚ ବ୍ୟୋମଭୂମି ତେଜୋ ନବାୟୁଃ
ଚିଦାନନ୍ଦ ରୂପଃ ଶିବୋଽହଂ ଶିବୋଽହଂ" ।

ଶଙ୍କରାଚାର୍ଯ୍ୟ ସଦାସର୍ବଦା ସେହି "ଶିବୋଽହଂ ଶିବୋଽହଂ" ମୁଁ ଶିବ ମୁଁ ଶିବ, ଶିବ ଓ ମୋର ପାର୍ଥକ୍ୟ ନାହିଁ । ଏହିପରି ସେ ଶିବତାଦାତ୍ମ୍ୟ ହୋଇଯାଇଥିଲେ । "ସିଦ୍ଧାନ୍ତ ବିନ୍ଦୁ"ରେ ଶଙ୍କର ଭଗବତ୍ପାଦ କହିଛନ୍ତି –

"ନ ମାତା ପିତା ବା ନ ଦେବା ନ ଲୋକାଃ
ନ ଦେବା ନଯଜ୍ଞା ନତୀର୍ଥଂ ବ୍ରୁବନ୍ତି
ସୁଷୁପ୍ତୌ ନିରସ୍ତାତି ଶୂନ୍ୟାତ୍ମକ ତ୍ୱାତ୍
ତଦେକୋଽବଶିଷ୍ଟ ଶିବଃ କେବଳୋହମ୍" ।

ଅର୍ଥାତ୍, ମୁଁ ଯେଉଁ ତତ୍ତ୍ୱ, ତାହା ହେଉଛନ୍ତି ଶିବ ଶିବତତ୍ତ୍ୱ ମାତା, ପିତା, ଦେବତା, ଲୋକ, ବେଦ ଯଜ୍ଞ ବା ତୀର୍ଥ ନୁହନ୍ତି । ସୁସୁପ୍ତି ଅବସ୍ଥାରେ ସଚେତନାତ୍ମକ ସ୍ଥିତି ମଧ୍ୟ ସେ ନୁହନ୍ତି । ସେ ହେଉଛନ୍ତି ଏକ ମାତ୍ର ଶିବ ।

ଶିବ ସଂପ୍ରଦାୟର ଆର୍ଯ୍ୟ ଉପମନ୍ୟୁଙ୍କ ମତରେ,

"ଶିବ ସର୍ବଗ, ଶର୍ମଦ, ପ୍ରଣତୋ ଦେବ ଦୟାଂ କୁରୁସ୍ୱମେ
ନମୋ ଈଶ୍ୱରନାଥ ଦିକ୍ପତେ
! ପୁନରେ ବେଶ ନମୋ ନମସ୍ତୁତେ" ।

ଆର୍ଯ୍ୟ ଉପମନ୍ୟୁ ଶିବ ନାମ ଉପରେ ଜୋର୍ ଦେଇ ତାଙ୍କୁ ପୁନଃ ପୁନଃ ପ୍ରଣାମ ଜଣାଇଛନ୍ତି । "ନମଃ ଶିବାୟ" ଏହି ପ ।କ୍ଷର ମନ୍ତ୍ରହିଁ ଶିବଙ୍କର ଅତୀବ ପ୍ରିୟ । ସର୍ବତତ୍ତ୍ୱ ଏଥିରେ ନିହିତ ଅଛି । ପୃଥିବୀ, ଆପ, ତେଜ, ବାୟୁ, ଆକାଶ ଏହି ପ ।କ୍ଷରରେ ଗୋପନୀୟ ରହିଛି । ତେଣୁ ପ୍ରାଚୀନ କାଳରୁ ଅଦ୍ୟାବଧି ସମସ୍ତ ସାଧକବୃନ୍ଦ ସତତ ରୋଗଶୋକରୁ ଉଦ୍ଧାର ଲାଭ ନିମିତ ଶିବ ପ ।କ୍ଷର ମନ୍ତ୍ର ଜପ କରିଥାନ୍ତି । ଅନ୍ୟଏକ ରହସ୍ୟ ହେଲା ପୃଥିବୀ, ଆପ, ବାୟୁ, ତେଜ, ଆକାଶ ଏହି ୫ଟି ଈଶ୍ୱରଙ୍କ ମୁଖ । ଏହି ପ ମୁଖ ଅର୍ଚ୍ଚନାର ନାମ ଶିବାର୍ଚ୍ଚନ । ତେଣୁ ପ ।କ୍ଷରମନ୍ତ୍ର ଶିବଙ୍କର ଅତିପ୍ରିୟ । ଓଁ ପ୍ରଣବ ମନ୍ତ୍ର ଯୋଗ କଲେ ଏହା ଷଡ଼ାକ୍ଷର ମନ୍ତ୍ର ହୁଏ । ଭାରତର ଅଗଣିତ ଶିବ ମନ୍ଦିରରେ ଓଁ ନମଃ ଶିବାୟ ମନ୍ତ୍ରର ନିତ୍ୟ ଉଚ୍ଚାରଣ ଚାଲିଛି, କାରଣ "ଶିବାୟ" ଏହି ତତ୍ତ୍ୱ ଶ୍ରେଷ୍ଠ ଅଟେ । ଶିବ, ଶଙ୍କର, ମହାରୌଦ୍ର, ମହାକାଳ, ଶମ୍ଭୁ, ଇଷାନ, ଚନ୍ଦ୍ରଶେଖର ଏପରି ଅନେକ ନାମ ଶିବଙ୍କର ଅଛି । ମାତ୍ର ଯେ 'ଶଙ୍କର' ସେ 'ଶିବ' ନୁହନ୍ତି । ମାତ୍ର ଶିବ, ଶଙ୍କର ଅଟନ୍ତି । ପରଂବ୍ରହ୍ମଙ୍କର ପ୍ରଣବତତ୍ତ୍ୱ ପ୍ରଣବରେ 'ବିନ୍ଦୁ' ଓ 'ଅର୍ଦ୍ଧମାତ୍ରା' ପରମ ଶିବ ପ୍ରତୀକ । ଅକାର – ଉକାର – ମକାର ତ୍ରିକୋଣାକାରରେ ଯଥାକ୍ରମେ ସଦାଶିବ ବା ରୁଦ୍ର, ପରମେଶ୍ୱର ଏବଂ ମହେଶ୍ୱର ଅଧିଷ୍ଠିତ । ବିଶ୍ୱପ୍ରତିଷ୍ଠାରେ ବିନ୍ଦୁ, ତ୍ରିକୋଣ, ଷଟ୍କୋଣ ଆକାରରେ ପ୍ରଣବ ଯନ୍ତ୍ର ଅଧିଷ୍ଠିତ । ଏହି ଷଟ୍କୋଣରେ ଶୀର୍ଷକୋଣରୁ ଆରମ୍ଭ କରି ଦକ୍ଷିଣାବର୍ତ୍ତ କ୍ରମରେ ଓଁ ନମଃ ଶିବାୟ ଷଡ଼କ୍ଷର ନ୍ୟସ୍ତ । ଏହାହିଁ ସମଗ୍ର ଭାବରେ ବ୍ରହ୍ମଙ୍କର ବିଶ୍ୱ ପ୍ରକାଶକ ତତ୍ତ୍ୱସ୍ୱରୂପ ବିଶ୍ୱଧାର ଅଟେ । ଶିବ ପ ।କ୍ଷର ମନ୍ତ୍ରରୁ ସଦ୍ୟୋଜାତ ବାମଦେବ, ଅଘୋର,ତତ୍ପୁରୁଷ ଓ ଇଶାନ ଏହି ପ ମୁଖ ବିଶିଷ୍ଟ ଶିବଙ୍କୁ ହିଁ ପ ।ନନ କହନ୍ତି । ଏହିପରି ମହାମହିମ୍ନ ତ୍ରିଲୋକପୂଜିତ ଶିବଙ୍କର ଅତ୍ୟନ୍ତ ପ୍ରିୟ ଓ ପୂଜା ଦିବସ ମହା ଶିବରାତ୍ରୀ । ଶିବଙ୍କ କୃପାଲାଭ ନିମନ୍ତେ ପ୍ରକୃଷ୍ଟ ଦିବସ । ଆସନ୍ତୁ ତାଙ୍କୁ ଆରାଧନା କରି ନିଜର ଭକ୍ତିପୂତ ଭାବକୁ ତାଙ୍କ ନିକଟରେ ସମର୍ପଣ କରିବା ।

"ଦେବାସୁର ଶିରୋରନ୍ କିରଣା
ରୁଣିତଂଘ୍ରୟେ
କାନ୍ତାୟ ନିଜ କାନ୍ତାର୍ଦ୍ଧେ ଦତ୍ତାର୍ଦ୍ଧାୟ
ନମୋନମଃ।"


ଉମାଶଙ୍କର ପ୍ରସାଦ

*ଜିଲା ପ୍ରତିନିଧି, ମନ୍ଥନ*
*ଏବଂ ସମ୍ପାଦକ, ମାର୍ଗଦର୍ଶୀ*

# ରାଜନୀତି ଅପରାଧ ମୁକ୍ତ ହେଉ

ଦେଶରେ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ଅବାଧ କରିବା ପାଇଁ ବହୁବିଧ ନିର୍ବାଚନ ସଂସ୍କାର ପଦକ୍ଷେପ ଗ୍ରହଣ କରାଯାଇଛି । ସେହିପରି ଦୁର୍ନୀତିଗ୍ରସ୍ତ, ଅପରାଧ ପୃଷ୍ଠଭୂମି ଥିବା ତଥା ଦାଗୀ ନେତାଙ୍କୁ ନିର୍ବାଚନରୁ ଦୂରେଇ ରଖିବା ଲାଗି ସୁପ୍ରିମକୋର୍ଟ ବହୁ ଗୁରୁତ୍ୱପୂର୍ଣ୍ଣ ତଥା ଐତିହାସିକ ରାୟ ଦେଇ ନୂତନ ଧାରା ସୃଷ୍ଟି କରିଛନ୍ତି । ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ଓ ଦୁଇବର୍ଷରୁ ଅଧିକ ଦଣ୍ଡିତ ସାଂସଦ ଓ ବିଧାୟକଙ୍କୁ ୬ବର୍ଷ ପାଇଁ ନିର୍ବାଚନ ଲଢି ନପାରିବା ରାୟ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ଏହି ରାୟ ବଳରେ ବହୁ ସାଂସଦ ଓ ବିଧାୟକ ସେମାନଙ୍କ ପଦ ହରାଇବା ସହ ୬ବର୍ଷ ପର୍ଯ୍ୟନ୍ତ ନିର୍ବାଚନରୁ ବଂଚିତ ହୋଇଛନ୍ତି । ସୁପ୍ରିମକୋର୍ଟଙ୍କର ଏହି ରାୟ ବଳରେ ବହୁ ଦାଗୀ ନେତା ସଂସଦ ଓ ବିଧାନସଭାରୁ ଅଯୋଗ୍ୟ ଘୋଷିତ ହେବା ସହ ନିର୍ବାଚନ ଲଢିପାରିନାହାଁନ୍ତି । ସେହିପରି ଦୁର୍ନୀତି ଏବଂ ଦେଶ ବିରୋଧି କାର୍ଯ୍ୟକଳାପ ଅଭିଯୋଗରେ ସରକାରୀ ଚାକିରୀରୁ ବହିଃସ୍କୃତ କର୍ମଚାରୀ ୫ବର୍ଷ ପାଇଁ ନିର୍ବାଚନ ଲଢିନପାରିବା ନିୟମ ରହିଛି । ତେବେ ଦଳୀୟ ପଦପଦବୀରେ ଦାଗି ନେତା ନିଯୁକ୍ତି ହେବା ନେଇ ଗତ ୨୦୧୮ ମସିହାରେ କେନ୍ଦ୍ର ସରକାର ଏକ ସ୍ପଷ୍ଟିକରଣରେ ଦର୍ଶାଇଥିଲେ ଯେ, ଦାଗୀ ନେତାଙ୍କୁ ୬ବର୍ଷର ବାରଣ ନିୟମ ତାଙ୍କୁ ଦଳୀୟ ପଦପଦବୀରେ ଅବସ୍ଥାପିତ ନକରିବାରେ କୌଣସି କାରଣ ନାହିଁ । ଯେହେତୁ ଦଳୀୟ ପଦପଦବୀ ସରକାରଙ୍କୁ ପ୍ରତିନିଧିତ୍ୱ କରେନାହିଁ, ତେଣୁ କିଛି ଅସୁବିଧା ନାହିଁ ବୋଲି ସରକାର ଯାହା ଦର୍ଶାଇଛନ୍ତି, ତାହା ଅଯଥାର୍ଥ ନୁହେଁ । ଏହା ନିସନ୍ଦେହ ଯେ, ରାଜନୀତିରେ ଅପରାଧିକରଣ ଗତ କିଛି ଦଶନ୍ଧି ହେଲା, ଉଦ୍‌ବେଗର କାଣ୍ଡ ହୋଇ ରହିଆସିଛି । ଏପରିକି ୪୫ରୁ ୪୮ଜଣ ସାଂସଦଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରହିଛି । ରାଜନୀତିରେ ପ୍ରତିପକ୍ଷଙ୍କ ବିରୁଦ୍ଧରେ ବିଭିନ୍ନ ଗୁରୁତର ମାମଲା ରୁଜୁ ଆମ ଦେଶରେ କିଛି ନୂଆ ନୁହେଁ । ଜଣେ ରାଜନୈତିକ ନେତାଙ୍କ ବିରୁଦ୍ଧରେ ଅପରାଧ କେବଳ ଆଇନ ପ୍ରମାଣିତ କରିପାରିବ ହେଉଛି ଏକମାତ୍ର ପନ୍ଥା । ରାଜନୀତି ଅପରାଧ ମୁକ୍ତ କରିବା ଅଧିକ ସମୟ ସାପେକ୍ଷ ଏବଂ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସତର୍କତାର ଆବଶ୍ୟକତା ରହିଛି । ଆମ ଦେଶରେ ଦାଗୀ ନେତାଙ୍କ ବିରୁଦ୍ଧରେ ମାମଲାର ଶୁଣାଣୀ ପାଇଁ ସ୍ୱତନ୍ତ୍ର ଅଦାଲତ ରହିଛି । ମାତ୍ର ଶୁଣାଣୀ ପ୍ରକ୍ରୀୟା ଏପରି ମନ୍ଥର ଯେ, ବର୍ଷ ବର୍ଷ ଧରି ଲାଗିଯାଉଛି । ବହୁ ମାମଲା ଜୀବଦଶାରେ ମଧ୍ୟ ଫଇସଲା ହୋଇପାରୁନାହିଁ । ଶୁଣାଣୀରେ ବିଳମ୍ବ ଏବେ ଆମ ଦେଶରେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ବୋଧହୁଏ ଏଥିରେ କେହି ଦ୍ୱିମତ ହୋଇନପାରନ୍ତି । ହତ୍ୟା ଓ ବଳାତ୍କାର, ଦୁର୍ନୀତି ଆଦି ମାମଲାରେ ଜେଲଦଣ୍ଡ ଭୋଗିବା ପରେ ୬ବର୍ଷ ପରେ ଜଣେ ପୁନର୍ବାର ନିର୍ବାଚନ ଲଢିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ । ଯେଉଁମାନେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ସେମାନେ ଆଉ ନିର୍ବାଚନ ଲଢିପାରିବେ ନାହିଁ । ୫ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ପାଇଥିବା ନେତା ୬ବର୍ଷର ବାସନ୍ଦ ଅବଧି ପୁରଣ କରିଥିଲେ, ପୁନର୍ବାର ନିର୍ବାଚନ ଲଢିବା ନେଇ କୌଣସି ଆଇନଗତ ବାରଣ ନାହିଁ । ତେଣୁ ରାଜନୀତିକୁ ଅପରାଧ ମୁକ୍ତ କରିବା ସମ୍ଭବପର ନୁହେଁ । ଏଥିଲାଗି ଦେଶରେ ନିର୍ବାଚନ ଓ ଦଳୀୟ ରାଜନୀତିରୁ ଦଣ୍ଡିତ ରାଜନେତାଙ୍କୁ ଆଜୀବନ ବାସନ୍ଦ କରିବା ନେଇ ବିତର୍କର ଆବଶ୍ୟକତା ରହିଛି ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ*
*ନଗର,*
*ରୋଡ ନଂ-୩, ଶିଶୁପାଳଗଡ*




# ତୀର୍ଥଯାତ୍ରାରେ ବାହାରିଲେ ୭୭୫ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ



ରାୟଗଡା,(ପି.ଏନ): ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ରାୟଗଡା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣ କାର୍ଯ୍ୟକ୍ରମରେ ଦକ୍ଷିଣାପଶ୍ଚିମାଂଚଳର କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲ୍ଲାର ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ଜଣ ଏସକର୍ଟ କର୍ମକର୍ତାମାନେ ଆଜି ରାୟଗଡା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ କଲକାତା କାମାକ୍ଷା ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି । ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପାଟାଓ୍ୱାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତୀର୍ଥଯାତ୍ରୀମାନେ ଯାଉଥିବା ସ୍ୱତନ୍ତ୍ର ଟ୍ରେନରେ ଫିତା କାଟିବା ସହ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର , ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝି,ରେଳ ବିଭାଗ ରାୟଗଡ ରେଳ ମଣ୍ଡଳ ପରିଚ଼ାଳକ ଶ୍ରୀ ଅମିତାଭ ସିଂଘଳ,ମୁଖ୍ୟ ଉନ୍ନୟନ ଅଧିକାରୀ ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଶାସନ ସଚ଼ିବ ବକ୍ଷଳମୁକୁନ୍ଦ ଭୂୟାଁ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚ଼ନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରାୟଗଡ, ରାୟଗଡ ପୌର ଅଧକ୍ଷ ଶ୍ରୀ ମହେଶ ପଟ୍ଟନାୟକ,ରାୟଗଡ ସମିତି ଅଧକ୍ଷା ସୁଶ୍ରୀ ଟୁନି ହୁଇକା, କୋଲନାରା ସମିତି ଅଧକ୍ଷା ଶ୍ରୀମତୀ ସଂଯୁକ୍ତା କୁଲେସିକା,ପ୍ରମୁଖ ଯୋଗଦାନ କରି ବରିଷ୍ଠ ନାଗରିକ ମାନଙ୍କ ଯାତ୍ରାକୁ ପତାକା ଦେଖାଇ ଶୁଭରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅତିରକ୍ତ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାଏ, ସହକାରୀ ନିର୍ଦ୍ଦେଶକ ସରୋଜ ଜେନା, ବରିଷ୍ଠ ସହାୟକ ବୁଦ୍ଧ ଦେବ ବୁଦୁଲା ସମେତ ରେଳବାଇ ଆଇଆରସିଟିସି କର୍ତୃପକ୍ଷ ଏବଂ ରାୟଗଡା ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ରହିଥିଲେ । ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଆଧାତ୍ମିକ ଚେତନାର ମନୋଭାବ ଆସୁଥିବା ବେଳେ ତୀର୍ଥଯାତ୍ରା କରିବାକୁ ମଧ୍ୟ ମନ ବଳାଇଥାନ୍ତି ତେବେ ଅର୍ଥାଭାବରୁ ତଥା ପାରିବାରିକ ଆର୍ଥିକସ୍ଥିତି ଉଜ୍ୱଳ ନ ଥିବାରୁ ସେମାନେ ତୀର୍ଥସ୍ଥାନ ଭ୍ରମଣ କରିପାରନ୍ତି ନାହିଁ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମାଝୀ,ବରିଷ୍ଠ ନାଗରିକମାନଙ୍କ ଏହି ଆଶାକୁ ପୂରଣ କରିବା ଦିଗରେ ତୀର୍ଥଯାତ୍ରା ଯୋଜନା ପୁଣି ଆରମ୍ଭ କରି ବରିଷ୍ଠ ନାଗରିକଙ୍କ ପାଇଁ ଏହି ଯୋଜନାର ଶୁଭାରମ୍ଭ କରିଥିବାରୁ ତାଙ୍କୁ ବରିଷ୍ଠ ନାଗରିକ ମକ୍ଷନେ ଧନ୍ୟବାଦ ଜଣାଉଛୁ ବୋଲି ପ୍ରକାଶ କରିଥିଲେ । ସେହିପରି ଆର୍ଥିକ ଅନଗ୍ରସର ଓ ଦାରିଦ୍ର ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମାଝୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପୁନ୍ନ କାର୍ଯ୍ୟକ୍ଷମ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରିବା ସୁଯୋଗ ଦେଇଛନ୍ତି । ଆଜିସୁଧା ୩୩ ଟି ପର୍ଯ୍ୟାୟରେ ସର୍ବମୋଟ ୩୧୯୮ ଜଣ ବରିଷ୍ଠ ନାଗରିକ ଏହି ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି । ଏଥର ୭୭୫ଜଣ ଓ ଏସକୋଟ ଅଫିସର ମିଶି ସର୍ବମୋଟ ୮୦୦ଜଣ ତୀର୍ଥଯାତ୍ରୀ ଯାତ୍ରାର ସୁଯୋଗ ପାଉଛନ୍ତି । ଏହି ଯାତ୍ରା ବେଳେ ତୀର୍ଥ ଯାତ୍ରୀମାନଙ୍କ ସମସ୍ତ ସୁବିଧାସୁଯୋଗ ରାଜ୍ୟ ସରକାର ବହନ କରିଥାନ୍ତି କ୍ଷତୀର୍ଥଯାତ୍ରୀମାନଙ୍କ ରହିବା,ଯିବା ଆସିବା ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା ସହ ଗସ୍ତ ଜଗୁଆଳୀ,ପଥ ପ୍ରଦର୍ଶକ,ଯାତ୍ରୀ ବୀମା ଏବଂ ଚ଼ିକିତ୍ସା ସୁବିଧା ଯୋଗାଇ ଦିଆଯିବ । ଚ଼ଳିତ ୨୦୨୪-୨୫ଆର୍ଥିକ ବର୍ଷରେ ୧୦ଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବା ବେଳେ ଏଥି ମଧ୍ୟରେ ରାୟଗଡା ଠାରୁ କଲକାତା – କାମାକ୍ଷା ତୀର୍ଥସ୍ଥାନ ଭ୍ରମଣର ସ୍ଥିର କରାଯାଇଥିଲା ବୋଲି ସ୍ୱତନ୍ତ୍ର ଶାସନ ସଚ଼ିବ ଶ୍ରୀ ଭୂୟାଁ ପ୍ରକାଶ କରିଛନ୍ତି । ଏଥିରେ ରାୟଗଡା ଜିଲ୍ଲାର ୧୫୯ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୭ଜଣୟ, ନବରଙ୍ଗପୁରର ୧୩୦ଜଣ, ମାଲକାନଗିରି ୬୯, ନୂଆପଡା ଜିଲ୍ଲାର ୭୨ଲେଖାଁଏ ଏବଂ କଳାହାଣ୍ଡିର ୧୭୮ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା ଭ୍ରମଣରେ ଗସ୍ତ କରିଛନ୍ତି । ଗତକାଲି ଉକ୍ତ ଛଅଟି ଜିଲ୍ଲାର ତୀର୍ଥଯାତ୍ରୀଙ୍କୁ ରାୟଗଡାରେ ରହଣୀ ବ୍ୟବସ୍ଥା କରାଯାଇଥିବା ବେଳେ ସଂଧାରେ ଭଜନ ସଂଧା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଆଜି ରାୟଗଡା ରେଳବାଇ ଷ୍ଟେସନ ସମ୍ମୁଖରେ ତୀର୍ଥଯାତ୍ରୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିବା ବେଳେ ଷ୍ଟେସନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା ।ଏହି ତୀର୍ଥଯାତ୍ରା ଭ୍ରମଣ ନିମନ୍ତେ ରାୟଗଡା ଠାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ନବୀନ ଚ଼ନ୍ଦ୍ର ନାୟକ , ପ୍ରତ୍ୟେକ୍ଷ ତତ୍ୱାବଧାନରେ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ନାରାୟଣ ମିଶ୍ର ପରିଚ଼ାଳନା କରିଥିଲେ ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ଓ୍ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ଓ୍ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ଓ୍ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ଓ୍ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ଓ୍ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ଓ୍ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ଓ୍ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ଓ୍ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ଓ୍ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଙ୍ଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅଂର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଉଠିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ଓ୍ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଵକ୍ତଙ୍କକ୍ଟଣ୍ଢ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ । ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ



କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି । ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ । ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି ।




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଚ୍ଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ



ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ। ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ। ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ। ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ। ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ। କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି। ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ



ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ। ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି। ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା



ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି। ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ। ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି। ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି। ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି। ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି। ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା



ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି। ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ



ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି। ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି। ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ। ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ। ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା



ହଣ୍ଡିଭଙ୍ଗା ଯାତ। କେବଳ ପରମ୍ପରା ରକ୍ଷା କରାଯାଇଥିଲା। ଚଳିତ ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ। ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ। ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢ଼ିଆଳିର ରଘୁନାଥ ଜିୟୁ



ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ



ସଭା ଓ ରାତ୍ର ୯ଟାରେ ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦନ ବେହେରା, ଅନିଲ



ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

## ରାୟଗଡା ମାଟିର ଝିଅ ମାଗାଇ ମାଝୀ,ବିଶ୍ୱ ସ୍ତରୀୟ ଖୋ-ଖୋ ଖେଳି ସାଉଁଟିଲେ ପ୍ରଶଂସା



ରାୟଗଡ଼ା,ପି.ଏନ): ମଗାଇ ମାଝୀ, ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଚ଼ନ୍ଦ୍ରଗିରି ପଞ୍ଚାୟତ ର କାସନାଦୋରା ଗାଁ ର ଝିଅ ଆଜି ଭାରତୀୟ ଖୋ -ଖୋ ଦଳ ରେ ନିଜ ନାମ ସୁଦୃଢ କରି ଇତିହାସ ରଚ଼ିଛନ୍ତି ।କଥା ରେ ଅଛି 'ପଙ୍କ ଭିତରେ ପଦ୍ମ' ଫୁଟିଥାଏ ସେହି ପରି ଦୁର୍ଗମ ଅଞ୍ଚଳ ରୁ ବାହାରି ମାଗାଇ ଆଜି ଅନ୍ୟ ଝିଅ ମାନଙ୍କ ପାଇଁ ପ୍ରେରଣା ର ଉତ୍ସ ସାଜିଛନ୍ତି ।କଠିନ ପରିଶ୍ରମ, ଇଚ଼୍ଛା ଶକ୍ତି ଏବଂ କିଛି କରି ଦେଖାଇବାର ଦୃଢ଼ ସଂକଳ୍ପ ଆଜି ତାଙ୍କୁ ପ୍ରସ୍ଫୁଟିତ କରିଛି। ନୂଆଦିଲ୍ଲୀର ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମ ରେ ଆୟୋଜିତ ପ୍ରଥମ ଖୋ-ଖୋ ବିଶ୍ୱକପ ରେ ଭାରତ ବିଜୟ ଲାଭ କରିଛି। ଫାଇନାଲ ରେ ନେପାଳ କୁ ହରାଇ ଏହି ସଫଳତା ପାଇଛି ଭାରତୀୟ ଖୋ-ଖୋ ଦଳ। ସେହି ଖୋ- ଖୋ ଦଳ ରେ ମାଗାଇ ମାଝୀ ନିଜ ପ୍ରତିଭା ଦେଖାଇବାରେ ସକ୍ଷମ ହୋଇଛନ୍ତି। ସମଗ୍ର ରାୟଗଡା ଜିଲ୍ଲା ତରଫରୁ ଆଜି ତାଙ୍କ ପାଇଁ ପ୍ରଶଂସା, ଭଲପାଇବା ଏବଂ ଆଶୀର୍ବାଦ ର ସୁଅ ଛୁଟୁଛି। ଉପାନ୍ତ ଅଞ୍ଚଳ ରୁ ବାହାରି ୨୦୧୨ ମସିହା ରୁ ନିଜର ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ ୧୩ ବର୍ଷ ର ଅକ୍ଲାନ୍ତ ପରିଶ୍ରମ ପରେ, ଆଜି, 'ଧୀର ପାଣି ପଥର କାଟିଲା' ଭଳି ସମସ୍ତ ବାଧା ବିଘ୍ନ କୁ କାଟି ସୁନାମ ଅର୍ଜନ କରିବାରେ ସକ୍ଷମ ହୋଇଛନ୍ତି ମାଗାଇ ମାଝୀ। ସୁଶ୍ରୀ ମକ୍ଷଗାଇ ,ପିତା ଦାମୁ ମାଝୀ ଏବଂ ମାଅ ବୁଧବାରୀ ମାଝୀଙ୍କ ଝିଅ ।ସେ ଭୁବନେଶ୍ୱର ସ୍ଥିତ କିସ୍ ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସହ ଖୋ-ଖୋ ଖେଳର ପ୍ରଶିକ୍ଷଣ ନେଉଥିଲେ ।ଫଳରେ ଦୀର୍ଘ ବର୍ଷର ସଂଘର୍ସ ପରେ ଖୋ ଖୋ ଭାରତୀୟ ଦଳରେ ଖେଳିବା ସହ ବିଶ୍ୱଦରବାରରେ ସୁନାମ କରିଛନ୍ତି। କଠିନ ପରିଶ୍ରମ ହିଁ ସଫଳତା ଦେଇଥାଏ ବୋଲି ଖେଳାଳି ମକ୍ଷଗାଇ ମାଝୀ କହିଛନ୍ତି ।ଆଜି ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ମକ୍ଷଗାଇ ମକ୍ଷଝିଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ଆଗାମୀ ଭବିଷ୍ୟତ ମଙ୍ଗଳ କାମନା କରିଥିଲେ କ୍ଷଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅନ୍ୟାନ୍ୟ ଅଧିକାରୀ କର୍ମଚ଼ାରୀ ଓ ଗଣମାଧ୍ୟମ ପ୍ରତନିଧି ଉପସ୍ଥିତ ଥିଲେ ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


MAHARISHI PUBLIC SCHOOL



2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ଖେଳ
ପର୍ଯ୍ୟବେକ୍ଷକ
Bhubaneswar Thursday February 20 ଭୁବନେଶ୍ବର ଗୁରୁବାର, ଫେବୃଆରୀ ୨୦,୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# କିଟ୍ ପକ୍ଷରୁ ପ୍ରକୃତିଙ୍କ ନାମରେ ମେଧାବୃତ୍ତି ଘୋଷଣା

ଭୁବନେଶ୍ବର,(ପି.ଏନ): କିଟ୍ ଛାତ୍ରୀ ପ୍ରକୃତିଙ୍କ ମୃତଦେହ ତାଙ୍କ ବାପା ଓ ମାମୁଙ୍କୁ ହସ୍ତାନ୍ତର ପ୍ରକ୍ରିୟା କାର୍ଯ୍ୟ ଶେଷ ହେବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କ ସହ ସାକ୍ଷାତ କରିଥିଲେ। ପ୍ରକୃତିଙ୍କ ଅକାଳ ମୃତ୍ୟୁରେ ଶ୍ରୀ ସାମନ୍ତ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ପ୍ରକୃତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ନାମରେ ଏକ ମେଧାବୃତ୍ତି ପ୍ରଦାନ କରାଯିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଥିଲେ।ଏହି ଘଟଣାରେ ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସରୁ ଆସିଥିବା ଦୁଇ ଅଧିକାରୀ କିଟ୍‌ରେ ପଢୁଥିବା ନେପାଳୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ପୁନର୍ବାର ଏଭଳି ପରିସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ସେମାନଙ୍କୁ ଆଶ୍ୱାସନା ଦେଇଥିଲେ। ଅନ୍ୟ ପକ୍ଷରେ ନିଜ ଘରକୁ ଚାଲିଯାଇଥିବା ଅନେକ ଛାତ୍ରଛାତ୍ରୀ କିଟ୍‌କୁ ଫେରିଛନ୍ତି। କିଟ୍‌କୁ ଫେରି ନଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବା ପାଇଁ କିଟ୍ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଆଜି ପ୍ରତିଷ୍ଠାତା ଶ୍ରୀ ସାମନ୍ତ ନେପାଳ ପ୍ରୋଭିନ୍‌ସ-୨ର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଲାଲ୍‌ବାବୁ ରାଉତଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପିଲାଙ୍କୁ କିଟ୍‌କୁ ଫେରାଇ ଆଣିବା ପାଇଁ କିଟ୍ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଶ୍ରୀ ସାମନ୍ତ ତାଙ୍କୁ ସୂଚନା ଦେଇଥିଲେ। ସେହିପରି ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଅର୍ଜୁ ରାଣା ଦେଉବା, ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ ଯାଦବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ଶ୍ରୀ ସାମନ୍ତ ଆଲୋଚନା କରି ପିଲାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ପାରାଦୀପ ରେ ପାଲା କଳାକାର ସଂଘର ବାର୍ଷିକ ସମ୍ମିଳନୀ

ପାରାଦୀପ ,(ପି.ଏନ): ପାରାଦୀପ ପୋର୍ଟ ବଣିକ ସଙ୍ଘ ସହଯୋଗରେ ବଡପଡ଼ିଆ ସ୍ଥିତ ଦୁର୍ଗା ମନ୍ଦିର ପରିସରରେ ଦୁଇ ଦିନ ବ୍ୟାପି ମିଳିତ ପାଲା କଳାକାର ସଂଘର ବାର୍ଷିକ ସମ୍ମିଳନୀ ମଙ୍ଗଳବାର ଓ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ସନ୍ଧ୍ୟାରେ ସଂଘର ସଭାପତି ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ ଙ୍କ ସଭାପତିତ୍ୱ ରେ ଆୟୋଜିତ ସାହିତ୍ୟ ସଭାରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଲୁପ୍ତ ହେବାକୁ ଯାଉଥିବା ଓଡ଼ିଶାର ସର୍ବପୁରାତନ ଲୋକ ସଂସ୍କୃତି ଓ ଏହାର କଳାକାର ମାନଙ୍କର ଉତଥାନ ନିମିତ୍ତ ପାଲା କଳାକାର ସଙ୍ଘର ଉଦ୍ୟମ କୁ ଉଚ୍ଚ ପ୍ରଶଂସା କରିଥିଲେ ।

## ସଡକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ଜଗତସିଂହପୁର,(ପି ଏନ): ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ସ୍ଥିତ ଅମ୍ବିକେଇ ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକର ତରଫରୁ ସଡକ ସୁରକ୍ଷା, ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ, ବିକଳ୍ପ ବିବାଦ ସମାଧାନ ପ୍ରଣାଳୀ, ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତର ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା, ଆଇନ ସେବା ପ୍ରାଧିକରଣ ନିୟମ, ୧୯୮୭ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ । ଏହା ପରେ ଆଇନ ସେବା ପ୍ରାଧିକରଣ ସଚିବ ସଡକ ସୁରକ୍ଷାର ନିୟମାବଳୀ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଏହି ଅବସରରେ ସଚିବଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ସଡକ ସୁରକ୍ଷାର ସ୍ଲୋଗାନ ଦେଇ ଏକ ପଦଯାତ୍ରା କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡି ଯୁବନେତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା : କାର୍ଯ୍ୟାନୁଷ୍ଠାନ ନେଉନି ପୋଲିସ, ଜିଲ୍ଲାପାଳଙ୍କୁ ଫେରାଦ



କେନ୍ଦ୍ରାପଡା,(ପି.ଏନ): ଆଳି ବ୍ଲକର ବିଜେଡି ଯୁବ ସଭାପତି କେଦାରନାଥ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁନାହିଁ। ଯାହା ଫଳରେ ଏହି ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ମାମଲା ଉଠାଇଦେବା ପାଇଁ ହତ୍ୟା ଧମକ ଦେଉଛନ୍ତି। ଥାନାରୁ ନ୍ୟାୟ ନମିଳିବା ପରେ ଅଭିଯୋଗକାରୀ ଓ ବିଜେଡିର ତୁଙ୍ଗନେତାମାନେ ବୁଧବାର ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସଙ୍କ ନେତୃତ୍ୱରେ ବିଜେଡି ନେତା ଓ କର୍ମୀମାନେ ଭେଟି ଅଭିଯୋଗ କରିଥିଲେ ଯେ ଶାସକ ଦଳର ଗୁଣ୍ଡାମାନେ ରାଜନୈତିକ ଉଦେଶ୍ୟ ରଖି କେଦାରଙ୍କୁ ଆକ୍ରମଣ କରିଥିଲେ। ଏଥିରେ କେଦାର ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ଆଳି ଥାନାରେ ଏତଲା ଦିଆଯିବା ପରେ ପୋଲିସ ଲୋକଦେଖାଣିଆ ଭାବରେ ଏକ ମାମଲା ରୁଜୁ କରି ଚୁପ ବସିଛି। କିନ୍ତୁ ଅଭିଯୁକ୍ତମାନଙ୍କୁ ଗିରଫ କରୁନାହିଁ। ଏଣୁ ଆକ୍ରମଣର ଶିକାର ହୋଇଥିବା କେଦାର ନ୍ୟାୟ ପାଇପାରୁନାହିଁ। କେଦାରଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜେଡି ନେତା ଓ କର୍ମୀମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଆରକ୍ଷୀ ଅଧୀକ୍ଷକଙ୍କ ସହ କଥା ହୋଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅପରପକ୍ଷରେ ଯଦି ଏକ ସପ୍ତାହ ମଧ୍ୟରେ ଆଳି ଥାନା ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ ନକରେ ତେବେ ଆସନ୍ତା ୨୬ତାରିଖରେ ବିଜେଡି ପକ୍ଷରୁ ରାସ୍ତାରୋକ କରାଯିବା ସହ ଆଳି ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆଜି ୧ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା, ଜୁଆଣିଆ ସରପ ସୁବ୍ରତ ନାୟକ, ଦେସାହି ସମିତିସଭ୍ୟ ସନ୍ତୋଷ ବେହୁରିଆ, ଦେସାହି ସରପ ମୋନାଲିସା ଦାସ, ମମତା ଭୂୟାଁ ପ୍ରମୁଖ ବହୁ ଜନପ୍ରତିନିଧି ଓ ବିଜେଡି କର୍ମୀମାନେ ଜିଲ୍ଲାପାଳଙ୍କୁ ଭେଟି ଏସମ୍ପର୍କରେ ଅଭିଯୋଗ ପ୍ରଦାନ କରିଥିଲେ।

# ଦ୍ୱିତୀୟ ଦିବସରେ ସଂକଳ୍ପ ପଦଯାତ୍ରା ଚନ୍ଦନପୁର ଠାରେ ପହଂଚିଲା



ଭୁବନେଶ୍ବର,(ପି.ଏନ): ନବନିଯୁକ୍ତ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଏବଂ ନେତୃତ୍ୱରେ ୩ ଦିନ ଧରି ଚାଲିବାକୁ ଥିବା ସଂକଳ୍ପ ପଦଯାତ୍ରାର ଦ୍ୱିତୀୟ ଦିବସରେ ସକାଳ ୮.୩୦ ଘଟିକା ସମୟରେ ପିପିଲି ଠାରୁ ଆରମ୍ଭ ହୋଇ ମଙ୍ଗଳପୁର ଦେଇ ଦେଇଶପୁର ଠାରେ ପହଂଚିଥିଲା। କଟକ ନଗର, ଗଞ୍ଜାମ ପୂର୍ବ, ଗଞ୍ଜାମ ପଶ୍ଚିମ, ନବରଙ୍ଗପୁର, ସମ୍ବଲପୁର ଓ ପୁରୀର କଂଗ୍ରେସ କର୍ମୀ ଜିଲ୍ଲା ସଭାପତି, ବିଧାୟକ, ବିଧାୟକ ପ୍ରାର୍ଥୀ, ସାଂସଦ ପାର୍ଥୀ, ଯୁବ, ଛାତ୍ର, ମହିଳା କଂଗ୍ରେସ, ସେବାଦଳର ନେତୃବୃନ୍ଦ ଓ କର୍ମୀମାନେ ହଜାର ହଜାର ସଂଖ୍ୟାରେ ଯୋଗ ଦେଇ ପିସିସି ସଭାପତି ଶ୍ରୀ ଦାସଙ୍କ ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ପିପିଲ ହାଟ ଛକ ଠାରେ କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ମାନସ ଆଚାର୍ଯ୍ୟ, ଅନ୍ତର୍ଯ୍ୟାମି ଦିକ୍ଷିତ, ବିଶ୍ୱଭୂଷଣ ହରିଚନ୍ଦନ ମହାପାତ୍ର, ଜ୍ଞାନ ପଟ୍ଟନାୟକ, ମିହିର ଆଚାର୍ଯ୍ୟ ଓ ନିରୁପମା ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କମୀ ଶ୍ରୀଯୁକ୍ତ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗରେ ଦେଇଶପୁର ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଥିଲା। ପିସିସି ସଭାପତି ଶ୍ରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସଂକଳ୍ପ ପଦଯାତ୍ରା କମିଟି ଅଧକ୍ଷ ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ବିଧାୟକ ରମେଶ ଜେନା, ମନୋରଞ୍ଜନ ତ୍ରିପାଠୀ, ନକୁଳ ନାୟକ, ମନୋଜ ଜେନା, ପ୍ରକାଶ ମିଶ୍ର, ଅମୀୟ ପାଣ୍ଡବ, ଅଶିତ୍ ପଟ୍ଟନାୟକ, ଅମୀୟ ପଟ୍ଟନାୟକ, ବିଶ୍ୱଜିତ୍ ଦାସ, ଜାନକୀବଲ୍ଲଭ ପଟ୍ଟନାୟକ, ପଦ୍ମାକର ଗୁରୁ, ଇମ୍‌ଦାଦ୍ ଖାନ୍, କୃଷ୍ଣ ସଗରିଆ, ସୁବ୍ରତ ମହାପାତ୍ର, ୟାସିର ନୱାଜ, ରଞ୍ଜିତ ପାତ୍ର, ଉଦିତ ପ୍ରଧାନ, ସୁଦର୍ଶନ ଦାସ, ଦୌପଦୀ ମାଝୀ, ଭୁବନ ବିହାରୀ ସାହୁ ଓ ଭାରତ ଭୂଷଣ ବେମାଲ, ଅମରେଶ ପରିଡ଼ା, ଅଭିଳାଷ ମାଣିଆ, ଜିଆ ଉଲ୍‌ହକ୍, ଜ୍ୟୋତି ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପତି, ରାଜୀବ ମହାନ୍ତି, ମନୋଜ ରାଉତ, କୃଷ୍ଣ ମହାନ୍ତି, ମନୋଜ ବିଶ୍ୱାଳ, କିରଣ ସାହୁ, ଗୋପନ ମାର୍ଥା, ଶ୍ରୀୟାସ୍ମିତା ପଣ୍ଡା, ଲିପିକା ପାତ୍ର, ଅଶୋକ ଦାସ, ପ୍ରବୋଧ ଦାସ, ଏମ୍.ଡ଼ି ଆକବର, ନିହାର ବେହେରା, ପ୍ରଦିପ ମହାପାତ୍ର, ସିପ୍ରା ମଲ୍ଲିକ, ବିଜୟାନନ୍ଦ ଚାଉଳିଆ, ଅମିତା ବିଶ୍ୱାଳ, ସୁଦିପ ସାମଲ, ଆଶିଷ ମଲ୍ଲିକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମୃତ୍ୟୁଞ୍ଜୟ ନାୟକଙ୍କ ପ୍ରତି ଶୋକ ପ୍ରକାଶ କରିବା ସହ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ପଦଯାତ୍ରା ପଟ୍ଟନାୟିକୀୟା ଛକ ଠାରେ ପହଂଚିବା ପରେ କଂଗ୍ରେସ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଏବଂ ମିଳନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଛାତ୍ର, ଯୁବ ଓ ମହିଳା କର୍ମୀମାନେ ଶ୍ରୀଯୁକ୍ତ ଦାସଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଜଣାଇଥିଲେ। ପଦଯାତ୍ରା ସନ୍ଧ୍ୟା ୭.୪୦ ମିନିଟ୍‌ରେ ଚନ୍ଦନପୁର ଠାରେ ପହଂଚିବା ପରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଉପାବଲ୍ଲଭ ରଥଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ନେତୃବର୍ଗ ବିଷ୍ଣୁ ପ୍ରସାଦ ମିଶ୍ର, ଜୟଶ୍ରୀ ପାତ୍ର, ସସ୍ମିତା ବେହେରା, ଅବିନାଶ ମିଶ୍ର, ଦାମଦୋର ପ୍ରଧାନ, ଦାମଦୋର ମହାପାତ୍ର, ହରପ୍ରସାଦ ଜେନା, ଶିବ ପ୍ରସାଦ ବେହେରା, ରାଜେଶ ମିଶ୍ର, ବ୍ରଜରାଜ ବେହେରା, ଅରକ୍ଷିତ ବାରିକ, ମାଗୁଣି ଭୋଇ, ସରସ୍ୱତୀ ପାତ୍ର, କିଷାନ କୁମାର ମେକାପ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇ ଶ୍ରୀଯୁକ୍ତ ଦାସଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଦେଇଶପୁର ଠାରୁ ଚନ୍ଦନପୁର ଅଭିମୁଖେ ଯାତ୍ରା ସମୟରେ ସତ୍ୟବାଦୀ କଲେଜ ଛକଠାରେ ମନୋଜ ରଥ ଶତାଧିକ କଂଗ୍ରେସ କର୍ମୀ ଶ୍ରୀଯୁକ୍ତ ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ବିଶାଳ ପଦଯାତ୍ରା ସଂକଳ୍ପ ପଦଯାତ୍ରା ପାଇଁ କଂଗ୍ରେସ କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଆଜିର ପଦଯାତ୍ରା ସମୟରେ ପିସିସି ସଭାପତି ଶ୍ରୀଯୁକ୍ତ ଦାସ ବିଭିନ୍ନ ବର୍ଗର ଲୋକମାନଙ୍କ ସହିତ କଥା ହୋଇ ତାଙ୍କର ଦୁଃଖ ସୁଖରେ ଛିଡ଼ା ହେବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଶିଳ୍ପିଶ୍ରୀ ହରିଚନ୍ଦନ, ଶୁସ୍ରୀ ବେହେରା, ସସ୍ମିତା ପଣ୍ଡା, ଦୀପକ ପଟ୍ଟନାୟକ, ପର୍ଶୁରାମ ପ୍ରଧାନ, ଭାଗ୍ୟବାନ ଜେନା, ବିଦ୍ୟୁଲତା ଆଚାର୍ଯ୍ୟ, ସ୍ୱାଧୀନ ପଣ୍ଡା, ଜଗତଜିବନ ଶତପଥି, ଅଭିଶେଷ ମହାନନ୍ଦ, ଆକାଶ ଭୂୟାଁ ପ୍ରମୁଖ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ପଦଯାତ୍ରାରେ ଯୋଗଦେଇଥିଲେ। ଆସନ୍ତାକାଲି ସକାଳ ୮.୩୦ ମିନିଟ ସମୟରେ ସଂକଳ୍ପ ପଦଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ବାହାରିବ। ଅପରାହ୍ନରେ ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଓ ବରିଷ୍ଠ ନେତୃବୃନ୍ଦ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହ ଆର୍ଶିବାଦ ଭିକ୍ଷା କରିବା ପରେ ବଡଦାଣ୍ଡ ଠାରେ ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କଂଗ୍ରେସ ନେତା ତଥା ବରିଷ୍ଠ ମୁଖପାତ୍ର ଶ୍ରୀ ମୋନରଞ୍ଜନ ଦାଶ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray